## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଦାବିପତ୍ର

#### ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା



ଯାଜପୁର ଟାଉନ,୨୪।୧(ଡି.ଏନ.ଏ.): ଯାଜପୁର ସହରର ଓଟିଭି ଖବରଦାତା ସଞ୍ଜୀବ କୁମାର ନାୟକଙ୍କୁ ଯାଜପୁର ଥାନା ଅଧିକାରୀ ଦୁର୍ବ୍ୟବହାର କରିବା ସହ ମାରିକି ଶୋଇଦେବି ଭଳି ଧମକ ଦେବା ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘଟଣା ଦିନ ପ୍ରେସକ୍ଲବ ପକ୍ଷରୁ ଯାଜପୁର ଏସ୍‌ପିଙ୍କୁ ଏସ୍‌ଡିପିଓଙ୍କ ମାଧମରେ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ଖବରଦାତାଙ୍କ ପକ୍ଷରୁ ସଂପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ ଜାରି ରହିଛି।

ମଙ୍ଗଳବାର ଯାଜପୁର ସାମ୍ବାଦିକ ସଂଘ(ଜେୟୁଜେ) ପକ୍ଷରୁ ଆଦିତ୍ୟ ମେକାପଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏସ୍‌ପି ବିନୀତ୍ ଅଗ୍ରୱାଲ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଅତିରିକ୍ତ ଏସ୍‌ପି ନାରାୟଣ ଚନ୍ଦ୍ର ବାରିକଙ୍କୁ ତଦନ୍ତ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଉପସ୍ଥିତ ଥିବା ଖବରଦାତାଙ୍କୁ ସୂଚନା ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଓୟୁଜେର ରାଜ୍ୟ ସମ୍ପାଦକ ସମରଜିତ ମହାନ୍ତି, ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧକ୍ଷ ରାଜୀବ ମହାନ୍ତି, ଜେୟୁଜେ ଜିଲା ସମ୍ପାଦକ ପ୍ରବୋଧ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ବିଶ୍ୱଜ୍ୟୋତି ପତି, ଗୁଲାମ୍ ଗୌସ, ଅନିଲ କୁମାର ପଣ୍ଡା, ସମରବିଜୟ ସରଣ, ସୁବ୍ରତ ଜେନା, ସୁରେଶ ଖଣ୍ଡାଇ, ଶିବ ପ୍ରସାଦ ମହାନ୍ତି, ଜଗମୋହନ ରାଉତ ଓ ସତ୍ୟବ୍ରତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଶାଳା ପବ୍ଲିକ ସ୍କୁଲର ବିଜ୍ଞାନମେଳା

ଧର୍ମଶାଳା,୨୪।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଅଧୀନ ଧର୍ମଶାଳା ପବ୍ଲିକ୍ ସ୍କୁଲର ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ୍‌ର ୬୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ସୋଲାର ଏଜେନ୍ସି, ବାତ୍ୟା, କ୍ଷେପଣାସ୍ତ୍ର, ପରମାଣୁ ବୋମାର ଭୟାବହତା, ଫଟୋ ସିନ୍ଥେସିସ ଓ ଖାଦ୍ୟ ହଜମୀକରଣ ଆଦି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ପ୍ରାଧାପକ ଜୟନ୍ତ କୁମାର ସାହୁ ଓ ବିଜୟ କୁମାର ମହାନ୍ତି ଯୋଗ ଦେଇଥିଲେ। ସିନିୟର ଗ୍ରୁପ୍‌ରୁ ପ୍ରାଚୀ ପ୍ରଜ୍ଞାଶ୍ରୀ ତ୍ରିପାଠୀ ଓ ଆରୁଷ ଫତିମା ପ୍ରଥମ, ଏମ୍‌ଡି ହୋଜି ଖାଁ ଓ ଏମ୍‌ଡି ଅନାଜ ହମିଦ ଦ୍ୱିତୀୟ, ସାଇସ୍ୱରୂପ ଦାଶ ଓ ସାର୍ଥକ ଓଝା ୩ୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ଗ୍ରୁପ୍‌ରୁ ନିଶିକାନ୍ତ ବୋଇତେଇ ପ୍ରଥମ, ସାଇ ପ୍ରକାଶ ପଣ୍ଡା ଓ ସୁଧାଂଶୁ ଶେଖର ପଣ୍ଡିତ ଦ୍ୱିତୀୟ, ଶ୍ରୀୟାଂଶୁ ମହାପାତ୍ର ଓ ପ୍ରତ୍ୟାଂଶ ପାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସନ୍ତୋଷ କୁମାର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧାପିକା କେତକୀ ନାୟକ, ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ଧନେଶ୍ୱର ମହାନ୍ତି ଯୋଗଦେଇ ଶିକ୍ଷା ସହ ବିଜ୍ଞାନ ମେଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ବୈତରଣୀ ଜଳ ଶୋଷିବ ଶିଳ୍ପ

- ଆଉ ଜମିକୁ ମାଡ଼ିବନି ପାଣି
- ଟେକ୍ସଟାଇଲ ପାର୍କକୁ ଯିବ ୪.୫ କ୍ୟୁସେକ୍ ଜଳ
- ଜଳ ସମ୍ପଦ ବିଭାଗ ପକ୍ଷରୁ ଚୂଡ଼ାନ୍ତ ମଞ୍ଜୁରୀ

ଯାଜପୁର ଅଫିସ,୨୪।୧

କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀଜଳ ଉପରେ ପୁଣି ଏକ ଶିଳ୍ପ କମ୍ପାନୀ ନିର୍ଭରଶୀଳ ହେବ। ଇଡ୍‌କୋର ଧାମନଗର ଟେକ୍ସଟାଇଲ ଏବଂ ଫୁଡ୍‌ସ ପାର୍କ ବୈତରଣୀ ନଦୀ ଆଖୁଆପଦା ବ୍ୟାରେଜ ଡାଉନଷ୍ଟ୍ରିମରୁ ଇନ୍‌ଟେକ ୱାଲ ଖୋଲି ୩ଟି ପର୍ଯ୍ୟାୟରେ ୪.୫ କ୍ୟୁସେକ୍ ଜଳ ଉତ୍ତୋଳନ କରିବ । ଏଥିପାଇଁ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଏସ୍.କେ. ପଣ୍ଡା ୧୦।୧।୨୦୨୩ରେ ଇଡ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ଚୂଡ଼ାନ୍ତ ମଞ୍ଜୁରୀ ସମ୍ପର୍କରେ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ପ୍ରଥମ ପର୍ଯ୍ୟାୟରେ ୧।୨।୨୦୨୪ରୁ ୩୧।୭।୨୦୨୪ ପର୍ଯ୍ୟନ୍ତ ୧.୮୨ କ୍ୟୁସେକ୍, ଦ୍ୱିତୀୟ ପର୍ଯ୍ୟାୟରେ ୧।୮।୨୦୨୪ରୁ ୩୧।୭।୨୦୨୫ ପର୍ଯ୍ୟନ୍ତ ୩.୭ କ୍ୟୁସେକ୍ ଏବଂ ତୃତୀୟ ପର୍ଯ୍ୟାୟରେ ୧।୮।୨୦୨୫ରୁ ୩୧।୭।୨୦୩୦ ପର୍ଯ୍ୟନ୍ତ ୪.୫ କ୍ୟୁସେକ୍ ଜଳ ଉତ୍ତୋଳନ ପାଇଁ ଅନୁମତି ମିଳିଛି। ପୂର୍ବରୁ ବିଆରପିଏଲ୍ ସ୍ଲରି ପାଇପ୍ ଲାଇନ ଯୋଗେ ବୈତରଣୀ ନଦୀଜଳ ସହାୟତାରେ ଲୁହାପଥର ପରିବହନ କରୁଛି। ଏହାବାଦ୍ ଜେଏସ୍‌ଡବ୍ଲ୍ୟୁର ସ୍ଲରି ପାଇପ୍ ଲାଇନ ଯାଜପୁର ଜିଲାକୁ ପ୍ରବେଶ କରୁଛି। ଏଥିରେ ମଧ ବୈତରଣୀ ନଦୀଜଳ ବ୍ୟବହାର କରିବାକୁ ପ୍ରସ୍ତାବ ରହିଛି । ଏପରିସ୍ଥଳେ ବୈତରଣୀ ନଦୀର ସ୍ରୋତ ହ୍ରାସ ପାଇବା ନିଶ୍ଚିତ ହୋଇଛି । ଜିଲାର ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୧୦୦ ହେକ୍ଟର ଚାଷଜମିରେ ଅଭାବ ସମୟରେ ଜଳସେଚନ ପାଇଁ ପାଣି ଆଉ ମିଳିବ ନାହିଁ ବୋଲି ମତପ୍ରକାଶ ପାଇଛି ।



ଶୁଖିବାକୁ ବସିଛି ବୈତରଣୀ

ବ୍ରିଟିଶ୍ ଅମଳରୁ ନିର୍ମିତ ବୈତରଣୀ–ବୁଢ଼ା ଆନିକଟଠାରୁ ୧୦.୧୪୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କେନାଲ ନିର୍ମାଣ ହୋଇଛି। ଏଥିପାଇଁ ୨୦୧୬ରୁ ଏହାର କଂକ୍ରିଟ୍‌କରଣ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି କେନାଲ ସହାୟତାରେ ଶତାଧିକ ଚାଷୀ ଖରିଫ ଓ ରବିଋତୁରେ ଚାଷ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ସରକାରୀ କଳ ଓ ପ୍ରଶାସନିକ ଅଧିକାରୀଙ୍କ ଅହେତୁକ କମ୍ପାନୀ ପ୍ରୀତି ଏବେ ଯାଜପୁର ଜିଲାର ଉପରୋକ୍ତ ଚାଷୀ ଏବଂ ସେମାନଙ୍କ ପରିବାରଙ୍କ ପାଇଁ କାଳ ହେବାକୁ ଯାଉଛି। ସାଧାରଣ ଲୋକଙ୍କ ପାଇଁ ଏହି ନଦୀରୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଇ ପାରୁ ନ ଥିବାବେଳେ ସରକାର ଶିଳ୍ପ କମ୍ପାନୀଗୁଡ଼ିକୁ ନଦୀଜଳ ଯୋଗାଇବାରେ ଆଦୌ ହେଳା କରୁନାହାନ୍ତି। ଅନ୍ୟପକ୍ଷେ ଜିଲାର ୩ ପ୍ରମୁଖ ନଦୀର ୧୧୭୦୩.୫୫ ମିଲିୟନ କ୍ୟୁବିକ ମିଟର (ଏମ୍‌ସିଏମ୍) ଜଳ ବ୍ୟବହାର ନ ହୋଇ ସମୁଦ୍ରରେ ମିଶୁଛି । ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସହ ଜଳସେଚନର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୀତ ବିଭିନ୍ନ ପ୍ରକଳ୍ପ ଯାଜପୁର ଜିଲାରେ ଉପେକ୍ଷିତ ହେଉଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଏହାସହ ଭୂତଳ ଜଳ ଓ ବର୍ଷାଜଳକୁ ସଂରକ୍ଷଣ କରିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯାଜପୁର ଜିଲାରେ ନୈରାଶ୍ୟଜନକ ହୋଇଛି । ଅନ୍ୟପକ୍ଷେ ଜିଲାରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାଗୁଡ଼ିକରେ ନଦୀ ଓ ଭୂତଳ ଜଳ ବ୍ୟବହାର ଅଣାୟତ୍ତ ହେଉଥିବାରୁ ଜିଲାର ଭୂତଳ ଜଳସ୍ତର ନିମ୍ନଗାମୀ ହୋଇ ପାନୀୟ ଜଳ ସମସ୍ୟାକୁ ଉତ୍କଟ କରିଛି । ଖରା ମାସରେ ଜିଲାବାସୀଙ୍କୁ ଏଥିଯୋଗୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି ।

କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ଉତ୍ପତ୍ତି ବୈତରଣୀ ନଦୀରୁ ଟେକ୍ସଟାଇଲ ଏବଂ ଫୁଡ୍‌ସ ପାର୍କ ପାଇଁ ନଦୀ ଜଳ ବ୍ୟବହାର କରିବାକୁ ଅନୁମତି ମିଳିବା ପରେ ଇନ୍‌ଟେକ ୱାଲ ଖୋଳିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଜଳ ସମ୍ପଦ ବିଭାଗ ପକ୍ଷରୁ ୬ ମାସର ଅଭାବ ସମୟରେ ପାର୍କ ପରିସରରେ ଜଳ ସଂରକ୍ଷଣ ସୁବିଧା କରିବାକୁ ପ୍ରସ୍ତାବ ଦିଆଯାଇଛି। ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ଚରଣ ରାୟ କୁହନ୍ତି, ଚାଷୀଙ୍କ ପାଣିକୁ ଶିଳ୍ପ ହାତରେ ଟେକି ଦିଆଯାଇଛି। ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ଦଳିଚକଟି ଶିଳ୍ପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ବୈତରଣୀ ନଦୀରୁ ଶିଳ୍ପକୁ ଜଳଯୋଗାଣ ବିରୋଧରେ ଜନ ଜାଗରଣ ସୃଷ୍ଟି କରାଯାଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଆବାସ ତାଲିକାରେ ସରପଞ୍ଚଙ୍କ ସ୍ତ୍ରୀଙ୍କ ନାମ



| କ୍ର ସଂଖ୍ୟା | ଗାଁ ନାମ | ହିତାଧିକାରୀ | ପିତା / ସ୍ୱାମୀ | ବର୍ଗ |
|---|---|---|---|---|
| ୧୩୦ | ତାଉଁତରା | ରେଖା ପଲେଇ। | ଉପେନ୍ଦ୍ର ପଲେଇ | ଅନ୍ୟ |
| ୧୩୧ | ତାଉଁତରା | କନକାଲତା ଧଳ | କାମଦେବ ଧଳ | ଅନ୍ୟ |
| ୧୩୨ | ତାଉଁତରା | ପୂର୍ଣ୍ଣିମା ଧଳ | ନରୋତ୍ତମ ଧଳ | ଅନ୍ୟ |
| ୧୩୩ | ତାଉଁତରା | କୀର୍ତ୍ତନ ଧଳ | କାହ୍ନୁ ଧଳ | ଅନ୍ୟ |
| ୧୩୪ | ତାଉଁତରା | ସାବିତା ଦାସ | ଗୋରଙ୍ଗ ଦାସ | ଅନ୍ୟ |
| ୧୩୫ | ତାଉଁତରା | ଗୀତାଞ୍ଜଳି ଦାସ | ଗୋବିନ୍ଦା ଦାସ। | ଅନ୍ୟ |
| ୧୩୬ | ତାଉଁତରା | ପୂର୍ଣ୍ଣିମା ମଲ୍ଲିକ। | ନରେନ୍ଦ୍ର ମଲ୍ଲିକ୍। | ଅନ୍ୟ |
| ୧୩୭ | ତାଉଁତରା | ନୟନା ଦାଶ | ଧରଣି ଦାସ। | ଅନ୍ୟ |
| ୧୩୮ | ତାଉଁତରା | ବିଳାସିନି ଯେନା | ପୁରୁଷୋତ୍ତମ ଯେନା। | ଅନ୍ୟ |

ପ୍ରୀତିପୁର,୨୪।୧(ଡି.ଏନ.ଏ.)

### ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମନା

ଯାଜପୁର ଜିଲାରେ ସଦ୍ୟ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଜଣେ ସରପଞ୍ଚଙ୍କ ସ୍ତ୍ରୀଙ୍କ ନାମ ରହିଛି। ହେଲେ ଗରିବ ନୀରିହ ଭଙ୍ଗା ଚାଳ ଘରେ ରହୁଥିବା ବେଳେ ବାସ୍ତବ ହିତାଧିକାରୀମାନଙ୍କୁ ବାଦ୍ ଦିଆଯାଇଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ଅଧୀନ ଶାସନ୍ଦା ଗ୍ରାମ ପଞ୍ଚାୟତରେ। ଉକ୍ତ ତାଲିକାରେ ଶାସନ୍ଦ ପଞ୍ଚାୟତ ତାଉଁତରା ଗ୍ରାମ ତାଲିକାର ୧୩୧ ନମ୍ବର ସିରିଏଲରେ ଥିବା କନକଲତା ଧଳ ହେଉଛନ୍ତି ଶାସନ୍ଦା ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ କାମଦେବ ଧଳଙ୍କ ସ୍ତ୍ରୀ। ତାଙ୍କର ୨ ମହଲା ବିଶିଷ୍ଟ ପକ୍କା ଘର ସମେତ ଗାଡ଼ି ଓ ଧନ ସମ୍ପତ୍ତି ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଗାଈ ଗୋରୁ ଓ ମଣିଷ ମାଟି କୁଡିଆ ଘରେ ଏକାସାଥିରେ ରହୁଥିଲେ ବି ସେମାନଙ୍କ ନାମ ତାଲିକାରୁ ବାଦ୍ ପଡିଛି । ଏଭଳି ଶତାଧିକ ବାସ୍ତବ ହିତାଧିକାରୀଙ୍କ ନାମ ସାମିଲ କରାଯିବା ନେଇ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି ।

## ଜାତୀୟ ରାଜପଥରେ ଜଳିଗଲା କାର୍

ଚଣ୍ଡିଖୋଲ,୨୪।୧(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଓଭରବ୍ରିଜ ନିକଟରେ ସୋମବାର ଏକ ଟ୍ରାଭେରା କାର୍ ହଠାତ ନିଆଁ ଲାଗି ଜଳିଯାଇଛି। କଟକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା (ଓଆର–୦୨–ବିଭି–୧୩୬୯) ନଂ. ବିଶିଷ୍ଟ ଏହି କାର୍‌କୁ ପ୍ରକାଶ ପାଣିଗ୍ରାହୀ ନାମକ ବ୍ୟକ୍ତି ଚଳାଉଥିଲେ। କାର୍‌ରେ ନିଆଁ ଲାଗିବା ଦେଖି ସେ ରାସ୍ତା କଡ଼କୁ ସାଇଡ କରି କାର୍‌ରୁ ଓହ୍ଲାଇ ପଡ଼ିଥିଲେ। ପରେ ଚଣ୍ଡିଖୋଲ ଦମକଳ ବାହିନୀକୁ ଫୋନ କରିଥିଲେ। ମାତ୍ର ଦମକଳ ବାହିନୀ ପହଞ୍ଚିବା ବେଳକୁ କାର୍ ଜଳି ଯାଇଥିଲା। ବ୍ୟାଟେରିରୁ ସର୍ଟ ଶର୍କିଟ ହୋଇ କାର୍‌ରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ଦିନ ସରୁଛି, ଗହଳି ବଢୁଛି

## ୭ମ ଦିନରେ ଓଳାଶୁଣୀ ଗୁମ୍ଫାମେଳା



ଓଳାଶୁଣୀ ମେଳାରେ ମହିଳାମାନେ ସାମଗ୍ରୀ କିଣୁଛନ୍ତି ।

ଚଣ୍ଡିଖୋଲ,୨୪।୧(ଡି.ଏନ.ଏ.): ଓଳାଶୁଣୀ ଗୁମ୍ଫା ମେଳା ମଙ୍ଗଳବାର ୭ମ ଦିନରେ ପହଞ୍ଚିଛି। ଏହି ମେଳାର ଦିନ ସରିସରି ଯାଉଥିବା ବେଳେ ଗହଳି ବଢ଼ିବାରେ ଲାଗିଛି। ମେଳାକୁ ବିଭିନ୍ନ ଧର୍ମର ଲୋକେ ଆସିଥାନ୍ତି। ୭ମ ଦିନରେ ବହୁ ମୁସଲମାନ ମହିଳା ମେଳା ବୁଲୁଥିବା ପରିଲକ୍ଷିତ ହୋଇଛି। ଉକ୍ତ ଦିନ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ଓଳାଶୁଣୀ ପାହାଡ଼ ପୂର୍ବପଟ ଓ ପଶ୍ଚିମପଟ ସହିତ ଲଳିତଗିରି ପଟରୁ ଲୋକଙ୍କ ସୁଅ ଛୁଟିଥିଲା।

### ଘର କରଣା ଜିନିଷ ଚାହିଦା ଅଧିକ

ମେଳା ପରିସରରେ ପଡ଼ିଥିବା ଲୁହା ଲକଡି ଏଭଳି କି ଚାଷ ସାମଗ୍ରୀ ଓ ରୋଷେଇ ପାଇଁ ଆବଶ୍ୟକ ଡଙ୍କି, କର୍ଚ୍ଛୁଲି ଓ ତାଉଆ ଆଦି ଜିନିଷ ବହୁ ପରିମାଣରେ ବିକ୍ରି ହେଉଛି। ସେହିପରି ସୋଫା ସେଟ, ଖଟ, ଆଲାଣା, ଟିଂ ପଏ ଆଦି ମଧ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଆବଶ୍ୟକ ହେଉଥିବା ଟୋକେଇ, ଗଉଣି, ବେତୁଲି ଓ ପାଇଲି ଆଦି ଚାହିଦା ବେଶ ଅଧିକ। ବିଭିନ୍ନ ପ୍ରକାର ଚିନା ମାଟି ଓ ଫାଇବରରେ ତିଆରି ବାସନ କୁସନର ମଧ ଢେର ଚାହିଦା ରହିଛି।

### ସାଧୁସନ୍ଥଙ୍କ ପାଇଁ ଖଞ୍ଜଣି ବାଦ୍ୟ

ମେଳାକୁ ବହୁ ସଂଖ୍ୟାରେ ସାଧୁସନ୍ଥ ଆସୁଥିବା ହେତୁ ସେମାନଙ୍କର ପ୍ରିୟ ଖଞ୍ଜଣି ଓ ଢୋଲକି ବାଦ୍ୟ ମଧ ଏଠାରେ ମିଳିଥାଏ। ସେମାନେ ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ କରିବା ସହ ଏକାଦଶୀ ତିଥିରେ ରାତିସାରା ମହାପୁରୁଷଙ୍କ ରଚିତ ଭଜନ ଜଣାଣ ଗାନ କରିଥାନ୍ତି। ପରେ ନିଜ ଆଶ୍ରମକୁ ଫେରିବା ସମୟରେ ଏହି ବାଦ୍ୟସବୁ ଏଠାରୁ କିଣି ନେଇଥାଆନ୍ତି। ତେଣୁ ସେମାନଙ୍କ ଉଦ୍ଦେଶ୍ୟରେ ଏଠାରେ ଖଞ୍ଜଣି ବାଦ୍ୟ ବିକ୍ରି ହେଉଛି।







# ଫୌଜ ଇଣ୍ଡିଆର ବାର୍ଷିକ ଉତ୍ସବ



ଫୌଜ ଇଣ୍ଡିଆର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୪।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ପଣ୍ଡୁଆଠାରେ ଅବସ୍ଥିତ ମାଗଣା ଶିକ୍ଷା କେନ୍ଦ୍ର ଫୌଜ ଇଣ୍ଡିଆର ୨୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶୁଭ୍ରାଂଶୁ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ସ୍ମିତା ସାମଲ, ବରିଷ୍ଠ ନାଗରିକ ଧରଣୀଧର ସାହୁ, ମୁଖ୍ୟବକ୍ତା ଭାବେ ଯୁବନେତା ଦେବବ୍ରତ ରାଉତ ଯୋଗଦେଇ ଫୌଜ ଇଣ୍ଡିଆ ଜାରି ରଖିଥିବା ମାଗଣା ଶିକ୍ଷାଦାନ କେନ୍ଦ୍ରର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ କାହ୍ନୁଚରଣ ମଲିକ ସଭାପତିତ୍ୱ କରିଥିଲେ। ମନୋଜ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ମାନସୀ ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବର୍ଷାରାଣୀ ରାଉତ, ସୋନାଲି ସାହୁ, ଅର୍ପିତା ସାହୁ, ଦୀପ୍ତିରେଖା ମଲିକ ପ୍ରମୁଖଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପଙ୍କଜ ମଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଫୌଜ ଇଣ୍ଡିଆର ପ୍ରତିଷ୍ଠାତା ଅଜିତ କୁମାର ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।




# ପରିବାର ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

### ବଡ଼ରମ୍ଭେଇ ଜନ ଆରୋଗ୍ୟ ସମିତି ଆନୁକୂଲ୍ୟରେ ଶାଶୁ, ବୋହୂ ସମ୍ମିଳନୀ

ରସୁଲପୁର,୨୪।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବଡ଼ରମ୍ଭେଇ ଜନ ଆରୋଗ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳବାର ଶାଶୁ, ବୋହୂ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମଳ ଅଧିକାରୀ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ–କମ୍ୟୁନିଟ ହେଲ୍‌ଥ ଅଫିସର) ରଞ୍ଜିତା ଦାଶ, ଏଏନ୍‌ଏମ୍ ସାବିତ୍ରୀ ସେଠୀ ଯୋଗଦେଇ ପରିବାର ନିୟୋଜନ ନିୟନ୍ତ୍ରଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଲକ୍ଷ୍ୟକୁ ସାଧାନ କରିବାକୁ ୫ସୂତ୍ରୀ ଉପାୟ ସମ୍ପର୍କରେ ପରିବାରର ମହିଳା ଅବଗତ ହେବାର ଆବଶ୍ୟକତା ରହିଛି। ଏହାକୁ ସଫଳ କରିବାକୁ ହେଲେ ଶାଶୁ ଓ ବୋହୂ ଏସବୁ ଉପାୟ ସମ୍ପର୍କରେ ଅବଗତ ହେବା ପାଇଁ ସମ୍ମିଳନୀର ଉଦ୍ଦିଷ୍ଟ ବୋଲି ସମ୍ବଳ ଅଧିକାରୀମାନେ ଦର୍ଶାଇଥିଲେ। ମା–ବାପା ପ୍ରଥମ ଶିଶୁ ଜନ୍ମ ନେବାର ୩ବର୍ଷ ପରେ ଦ୍ୱିତୀୟ ଶିଶୁ ପାଇଁ ଯୋଜନା କରିବା ଆବଶ୍ୟକ। ସେଥିପାଇଁ ନାନା ପରାମର୍ଶ ଦିଆଯାଇଥିଲା। ଏ ଦିଗରେ ଶାଶୁମାନେ ବୋହୂଙ୍କୁ ସଚେତନ କରାଇବା ସହ ଠିକ୍‌ରେ ଦିଗ୍‌ଦର୍ଶନ ଦେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ।



ଶାଶୁ ବୋହୂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି ।

ଶିବିରରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ପରିବାର ନିୟନ୍ତ୍ରଣ ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆଶାଦିଦି ସୁଲୋଚନା ଦାସ, ମମତା ମହାନ୍ତି, ଶାନ୍ତିଲତା ଦାସ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରେ ଶାଶୁ ଓ ବୋହୂଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଶାଶୁ ଓ ବୋହୂଙ୍କୁ ମୁଖ୍ୟ ଅତିଥି ସରପଞ୍ଚ ରାଉତ ପୁରସ୍କୃତ କରିଥିଲେ।



**ଗ୍ୟାସ ସିଲିଣ୍ଡର ଲିକ୍, ବୃଦ୍ଧା ଗୁରୁତର**

ରାଜକନିକା, (ଡି.ଏନ.ଏ.): ରାଜକନିକା ଥାନା ବାଘବୁଦା ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଅନ୍ତର୍ଯ୍ୟାମୀ ପଲାଇଙ୍କ ସ୍ତ୍ରୀ କୁସୁମଲତା (୬୫) ଚା' କରିବା ପାଇଁ ରୋଷେଇ ଘରକୁ ଯାଇଥିଲେ। ଗ୍ୟାସ ସିଲିଣ୍ଡର ଲିକ୍ ହୋଇଥିବା ବେଳେ ସେ ନ ଜାଣି ପାରି ଷ୍ଟୋଭରେ ଲାଇଟର ମାରିବା କ୍ଷଣି ଚୁଲା ଯୋରରେ ଜଳି ଉଠିଥିଲା। ଏହି ନିଆଁ ତାଙ୍କ ପର୍ଯ୍ୟନ୍ତ ଲାଗି ଯାଇଥିଲା। ନିଆଁରେ କୁସୁମଲତା ଆହତ ହୋଇଛନ୍ତି। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୁସୁମଲତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

## ସଂକ୍ଷେପରେ

### ଦାବିପୂରଣ ପାଇଁ ସୋସାଇଟି କର୍ମଚାରୀ ସଂଘର ଧାରଣା

**କେନ୍ଦ୍ରାପଡ଼ା ଅଫିସ, ୨୪।୧:** ସହରର ମହିପାଳସ୍ଥ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ ବିଭିନ୍ନ ଦାବି ଉପସ୍ଥାପନା କରି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଛି। ଏ ସମ୍ପର୍କରେ ସମ୍ପାଦକ ରାଜଦୀପ ପଡ଼ିଆରୀ କହିଛନ୍ତି, ସୋସାଇଟିରେ ବହୁ ଅନିୟମିତତା ପରିଲକ୍ଷିତ ହେଉଛି। ବାଇ ଲ', ସର୍ଭିସ ରୁଲ, ବିଜ୍‌ନେସ୍ ରୁଲକୁ ସର୍ବସାଧାରଣରେ ଉପଲବ୍ଧ କରାଯାଉନାହିଁ। ଫଳରେ କର୍ମଚାରୀଙ୍କ ଉପରେ ଆଇନଗତ ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନକୁ ନେଇ କର୍ମଚାରୀମାନେ ଅବଗତ ହୋଇ ପାରୁନାହାନ୍ତି। ସଂଘର ସଭାପତିଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ବଦଳି କରାଯାଇଛି। ସେହିପରି ମହିଳା କର୍ମଚାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ମହିଳା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ସୋସାଇଟିରେ ଏ ନେଇ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ମନଇଚ୍ଛା ବିଭିନ୍ନ ଶାଖାକୁ ବଦଳି କରାଯାଉଛି। ଆକ୍ରୋଶମୂଳକ ଭାବେ ବଦଳି କରାଯାଉଥିବା ପଡ଼ିଆରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କୁ ପଚାରିବାରେ ମୁଖ୍ୟ କାର୍ଯ୍ୟାଳୟ ସହ ସୋସାଇଟିର ୧୭ଟି ଶାଖା ବିଭିନ୍ନ ଜିଲାରେ କାର୍ଯ୍ୟ କରୁଛି। ଶାଖାର ଆବଶ୍ୟକତା ଅନୁଯାୟୀ କର୍ମଚାରୀଙ୍କୁ ବଦଳି କରାଯିବା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ସେ କହିଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ କଳି: ବିଡିଓଙ୍କୁ ଭାଜପା ପକ୍ଷରୁ ଦାବିପତ୍ର

**ରାଜନଗର, ୨୪।୧(ଡି.ଏନ୍.ଏ.):** ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ମଙ୍ଗଳବାର ରାଜନଗର ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଇଛି। ଭାଜପା ନେତା ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କୁ ଦେଇଛନ୍ତି। ରାଜନଗର ବ୍ଲକରେ ଯେଉଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ତାଲିକା ମରାଯାଇଛି, ସେଥିରେ କେତେକ ତ୍ରୁଟି ରହିଛି। ପ୍ରକାଶିତ ଯୋଗ୍ୟ ହିତାଧିକାରୀଙ୍କ ତାଲିକାରେ ସ୍ଥାନ ପାଇଥିବା ବହୁ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବାକୁ ଅଯୋଗ୍ୟ। ଅଯୋଗ୍ୟଙ୍କୁ ଏହି ତାଲିକାରେ ସାମିଲ କରାଯାଇଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାଁ ପ୍ରକାଶିତ ତାଲିକାରେ ନାହିଁ। ଏପରିକି ୨୦୨୦ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାରେ ସ୍ଥାନ ପାଇଥିବା ହିତାଧିକାରୀଙ୍କ ନାମ ବର୍ତ୍ତମାନ ନାହିଁ। ପ୍ରଶାସନ ପକ୍ଷରୁ ରାଜନୈତିକ ଚାପରେ ପ୍ରକାଶିତ ତାଲିକା ତ୍ରୁଟିପୂର୍ଣ୍ଣ। ସେହି କାରଣରୁ ବହୁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକାଶିତ ଆବାସ ହିତାଧିକାରୀ ତାଲିକାର ତ୍ରୁଟି ସଂଶୋଧନ କରାଯାଇ ପୁଣି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରିବାକୁ ଭାଜପା ପକ୍ଷରୁ ଏହି ଦାବିପତ୍ରରେ ଦର୍ଶାଯାଇଛି। ଏହି ପ୍ରତିନିଧି ଦଳରେ ଭାଜପା ନେତା ଶ୍ରୀଧର ପ୍ରଧାନ, କ୍ରୀଷ୍ଣା ବେହେରା, ନଗେନ୍ଦ୍ର ପାତ୍ର, ପବିତ୍ର ପଢ଼ିହାରୀ, ସର୍ବେଶ୍ୱର ଜେନା, ମନୁଆ ମଲିକ, ସ୍ୱପ୍ନ ରଞ୍ଜନ ଜେନା, ପ୍ରଦୀପ କୁମାର ଦାସ, ଦିଲୀପ ପାତ୍ର, ଧୀରେନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଅକ୍ଷୟଙ୍କ ସଙ୍ଗୀତରେ ଦର୍ଶକ ଝୁମିଲେ


କଳାକାରମାନେ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ କରୁଛନ୍ତି।


ପୁସ୍ତକମେଳାରେ ଉପସ୍ଥିତ ଅତିଥିମାନେ।

**ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ୩ୟ ସନ୍ଧ୍ୟା**

**କେନ୍ଦ୍ରାପଡ଼ା ଅଫିସ, ୨୪।୧**

ନଦୀର ନାମ ଅଳସୀ କନ୍ୟାଠାରୁ ଟୁଆଁଟୁଇଁ, ଯାଯାବରଠାରୁ ପଲ୍ଲୀଗୀତ ପର୍ଯ୍ୟନ୍ତ ସବୁଥିରେ ଅକ୍ଷୟ ମହାନ୍ତିଙ୍କ ସ୍ୱାକ୍ଷର। ଏହି ସ୍ମୃତିଭରା ଗୀତ ସହରର ମହିପାଳସ୍ଥ ଟେଲିକମ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ମଙ୍ଗଳବାର ୩ୟ ସନ୍ଧ୍ୟାରେ ଦର୍ଶକଙ୍କୁ ଝୁମାଇ ଦେଇଥିଲା। କେନ୍ଦ୍ରାପଡ଼ା ବାରୁଅସ୍ଥିତ ଭାବଗ୍ରାହୀ କଳା ନିକେତନର କଳାକାରଙ୍କ ସୁମଧୁର କଣ୍ଠରୁ ଅକ୍ଷୟ ମହାନ୍ତିଙ୍କ ବହୁ ଭାବପୂର୍ଣ୍ଣ ଗୀତ ଉତୁରି ଆସିଥିଲା। ହେ ଫଗୁଣ ତୁମେ, ବୟସର କୃଷ୍ଣଚୂଡ଼ା, ଉଡ଼ି ଉଡ଼ି ଯାଏ ଗୁଡ଼ି, ଟିକ୍ ଟିକ୍ ଘଣ୍ଟା ଚାଲେ, ଫୁଲେଇ ରାଣୀ ସଜଫୁଲ, ତମେ ତ ଆସିଲ ନାହିଁ ଆଦି ଗୀତକୁ କଳାକାରମାନେ ପରିବେଷଣ କରିଥିଲେ। କଳା ନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡ଼ାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ସମ୍ବାଦବିତ ଗୁରୁପ୍ରାଦ ମହାନ୍ତି, ସୁଶୀଲ କୁମାର ସାମଲ, ରାଜୀବଲୋଚନ ପଣ୍ଡା, କେମ୍ ସଭାପତି ଇଂ. ଅକ୍ଷୟ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚିର ସବୁଜ ଅକ୍ଷୟଙ୍କୁ ଖିଆଲି ମନର ବେତାଜ ବାଦ୍‌ଶାହା ବୋଲି ଉପସ୍ଥାପନା କରିଥିଲେ। ସେମାନେ କହିଥିଲେ ଯେ, ଅକ୍ଷୟ କେବେ ଯାଯାବର ତ କେବେ କଳଙ୍କିତ ନାୟକ, କେବେ ଆର୍ଯ୍ୟ ଦାସ ତ କେବେ ପ୍ରବାଦ ପୁରୁଷ ଭାବେ ଜନମାନସରେ ଉଭା ହୋଇଛନ୍ତି। ଗୀତ, ସ୍ୱର, ଗଳ୍ପ, ସଂଳାପ, ଉପନ୍ୟାସ ରଚନାରେ ଅକ୍ଷୟ ନିଜର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ରେଡ଼ିଓ, ସିନେମା, ଦୂରଦର୍ଶନ, ମଞ୍ଚରେ ସାମିଲ ହୋଇ ଜନମନକୁ ହରଣ କରୁଥିଲେ। ଭଜନ, ଆଧୁନିକ, ପଲ୍ଲୀଗୀତ, ଦେଶାତ୍ମବୋଧକ, ଗୀତିନାଟ୍ୟ, ସିନେ ସଙ୍ଗୀତ, ଲଘୁ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଗଜଲ, କୋରସ, ପାରୋଡିରେ ସେ ସିଦ୍ଧହସ୍ତ ଥିଲେ। ଅକ୍ଷୟଙ୍କ ପରି ସୁଯୋଗ୍ୟ ସନ୍ତାନକୁ ଜନ୍ମ ଦେଇ କେନ୍ଦ୍ରାପଡ଼ା ମାଟି ଗର୍ବିତ। ଜିଲାର ଡେରାବିଶ ବ୍ଲକ ଚାନ୍ଦୋଳ ନିକଟବର୍ତ୍ତୀ ବାଙ୍କିମୁଣ୍ଡାଇ ଗାଁରେ ତାଙ୍କର ଜନ୍ମ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ ଅକ୍ଷୟଙ୍କ ସଙ୍ଗୀତ ଶୁଣିବା ପାଇଁ ବହୁ ଜନସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ସେଣ୍ଟ ଜାଭିୟର୍ସ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା।

# ଗରଦପୁରରେ ମିଳିତ ଅଭିଯୋଗ ଶୁଣାଣି


ଶିବିରରେ ଜିଲାପାଳ ଅମୃତ ଋତୁରାଜଙ୍କ ସମେତ ଅନ୍ୟମାନେ।

**ପାଟକୁରା, ୨୪।୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ମଙ୍ଗଳବାର ଗରଦପୁର ବ୍ଲକ ସଭାଗୃହରେ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ୨୮୬ ଅଭିଯୋଗର ଶୁଣାଣି କରିଥିଲେ। ଏଏସ୍‌ପି ହରିଶ ପାଣ୍ଡେ, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ବିଡିଓ ଧର୍ମରଞ୍ଜନ ପଣ୍ଡା, ତହସିଲଦାର ମହେଶ୍ୱର ବେହେରା, ବ୍ଲକ ଚେୟାରମ୍ୟାନ ଅଭୟ କୁମାର ମହାରାଜ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ଶୁଣାଣିରେ ସହାୟତା କରିଥିଲେ। ଅଭିଯୋଗଗୁଡ଼ିକର ଶୁଣାଣି କରି ବିଭିନ୍ନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସହାୟତାରେ ନିର୍ମାଣାଧୀନ ଗରଦପୁର ଶୀତଳଭଣ୍ଡାର କାର୍ଯ୍ୟ ତୁରନ୍ତ ଶେଷ ହେଲେ ସ୍ଥାନୀୟ କୃଷକ ସେମାନଙ୍କ କୃଷିଜାତ ସାମଗ୍ରୀ ରଖିବାର ସୁବିଧା ପାଇବେ ବୋଲି ଅରୁଣ ପଣ୍ଡା ଅଭିଯୋଗ କରିଥିଲେ। ଏତଦ୍‌ବ୍ୟତୀତ ଗରଦପୁରଠାରେ କୋର୍ଟ ସ୍ଥାପନ ପାଇଁ ସେ ଦାବି କରିଥିଲେ। ପାଖଡ଼ ଜଗଦେଇପୁର ଗାଁର ଅକ୍ଷୟ କୁମାର ମହାନ୍ତି ଅସୁସ୍ଥ ଥିବାରୁ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ। ବଙ୍ଗାଳପୁର କ୍ଷେତ୍ରପାଳ ଗୋଷ୍ଠୀ ସଦସ୍ୟାମାନେ ମାଛ ଚାଷ କରୁଥିବା ପୋଖରୀରେ ବିଷ ପଡ଼ିଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବନ୍ତଳା ଗାଁର ଦେବେନ୍ଦ୍ର ମହାନ୍ତି କୋଶିଦା ଗାଁର ଜଣେ ବ୍ୟକ୍ତି ୫୦ ଡିସିମିଲ୍ ଗୋଚରକୁ ରେକର୍ଡ ଭୁକ୍ତ କରି ନେଇଥିବା ଅଭିଯୋଗ କରିଥିଲେ। ଲଲାଟେନ୍ଦୁ ସାମନ୍ତରାୟ, ଭିନ୍ନକ୍ଷମ ସସ୍ମିତା ମଲ୍ଲିକ ଆବାସ ପାଇଁ ଆବେଦନ କରିଥିଲେ। ଅଧିକାଂଶ ଅଭିଯୋଗ ଆବାସ ପାଇଁ ହୋଇଥିବା ବେଳେ ଅନ୍ୟ ସବୁ ଅଭିଯୋଗ ବ୍ୟକ୍ତିଗତ ବୋଲି ଜଣାପଡିଛି। ଜିଲାର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହାୟତା କରିଥିଲେ। ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବରିଷ୍ଠ କିରାଣି ଚୈତନ୍ୟ ବିଶ୍ୱାଳ, ଅତିରିକ୍ତ ବିଡିଓ ପ୍ରଶାନ୍ତ ଜେନା, ଜିପିଓ ମୃଣୟ ରାଉତ ପ୍ରମୁଖ ସହାୟତା କରିଥିଲେ।

# ସିଟି ହସ୍ପିଟାଲ ଦାବିରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ଲୋକମାନେ ଗଣଧାରଣା ଦେଉଛନ୍ତି।

**କେନ୍ଦ୍ରାପଡ଼ା ଅଫିସ, ୨୪।୧**

ସହରର ଖଡିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ଦାବି ତେଜୁଛି। ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଅଜୟ କୁମାର ସାମଲ, ଫକୀର ଚନ୍ଦ୍ର ଖଟୁଆ, ସୌମେନ୍ଦ୍ର ପୃଷ୍ଟି, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି, ସହରର ଗୋଟିଏ ମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ବ୍ଲକ ଶାମଗୁଡିଆକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଛି। ଏହି ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିକୁ ଦେଖିଲେ ସମଗ୍ର ଜିଲାବାସୀଙ୍କୁ ଚିକିତ୍ସା ସେବା ଯୋଗାଇବା ସମ୍ଭବ ନୁହେଁ। ପୁରୁଣା ସ୍ଥାନରେ ଚିକିତ୍ସା ସେବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଛି। ଏଠାରେ ସିଟି ହସ୍ପିଟାଲ ସ୍ଥାପନ ହେଲେ ସହର ଓ ଆଖପାଖ ଅଞ୍ଚଳର ୮ ପଞ୍ଚାୟତର ଲକ୍ଷାଧିକ ଲୋକ ଉପକୃତ ହେବେ। ସାମ୍ପ୍ରତିକ ସମୟରେ ଏଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲା ଯାଇଥିଲେ ମଧ୍ୟ କର୍ମଚାରୀ ଓ ଅନ୍ୟ ସୁବିଧା ସହରବାସୀ ପାଇ ପାରୁନାହାନ୍ତି। ତୁରନ୍ତ ସିଟି ହସ୍ପିଟାଲ ସ୍ଥାପନ କରି ଚିକିତ୍ସା ସେବା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ସଚେତନ ନାଗରିକ ମଞ୍ଚ ପକ୍ଷରୁ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବାହ୍ନରେ ଏକ ଦାବିପତ୍ର ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କର୍ମକର୍ତ୍ତା ପରେଶ ଚନ୍ଦ୍ର ଦାସ, ପ୍ରତାପ ମହାପାତ୍ର, ସାବିର ଅଲ୍ଲୀ, ନିରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ନାୟକ, ଅଭିମନ୍ୟୁ ରାଉତ ପ୍ରମୁଖ କହିଛନ୍ତି ଯେ, ବିଜୁବାବୁଙ୍କ କର୍ମସ୍ଥଳୀ କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ ପାଇଁ ମେଡ଼ିକାଲ କଲେଜର ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଜିଲାର ଯୁବବର୍ଗ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଛନ୍ତି। ପରିବାର ସଦସ୍ୟଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ଜିଲାରେ କୌଣସି ଆଖି ଦୃଶିଆ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ନାହିଁ। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ କେନ୍ଦ୍ରାପଡ଼ା ଜିଲା ଯାଜପୁର, ଭଦ୍ରକ, କଟକ ଓ ଜଗତ୍‌ସିଂହପୁର ଜିଲାର ମଧ୍ୟବର୍ତ୍ତୀ ସ୍ଥାନରେ ଅଛି। ପ୍ରତ୍ୟହ ଗାଡିମୋଟର ଯିବା ଆସିବା କରୁଛି। ସେହି ପରିମାଣରେ ଦୁର୍ଘଟଣା ବଢ଼ୁଛି। ଶିଳ୍ପାଞ୍ଚଳ ହୋଇ ନ ଥିଲେ ମଧ୍ୟ ଚତୁଃପାର୍ଶ୍ୱରେ ଥିବା ଶିଳ୍ପ ପ୍ରଦୂଷଣ ଏହି ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହାକୁ ଦୃଷ୍ଟିରେ ରଖି ନାଗରିକ ମଞ୍ଚ ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ପାଇଁ ବହୁବାର ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିବା ସେମାନେ ପ୍ରକାଶ କରିଛନ୍ତି।

### ବାରିକ ସାହିରୁ ନଦୀବନ୍ଧ ପର୍ଯ୍ୟନ୍ତ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**୨ଲକ୍ଷ ଟଙ୍କା ବ୍ୟୟ ହେବ**

**ରଘୁନାଥପୁର, ୨୪।୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ପଞ୍ଚାୟତ କୋରକୋରା ପଦ୍ମପୁର ଗାଁର ବାରିକ ସାହିରୁ ନଦୀବନ୍ଧ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ କରାଯିବ। ଏ ନେଇ ସରପଞ୍ଚ ସୁଚିତ୍ର ପଣ୍ଡା ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨ ଲକ୍ଷ ଟଙ୍କା ବ୍ୟୟ ଅନୁଦାନରେ ହେବାକୁ ଥିବା ଏହି ରାସ୍ତା ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ଥିଲା। ଏଠାରେ ଗମନାଗମନ ସୁବିଧା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ସରପଞ୍ଚ ପଣ୍ଡା ଉକ୍ତ ରାସ୍ତା ତିଆରି ପାଇଁ ଅନୁଦାନ ଦେବା ପରେ ସମସ୍ୟା ଦୂର ହେବ ବୋଲି ସ୍ଥାନୀୟ ମହିଳା ମହାସଂଘର ସଭାନେତ୍ରୀ ସେଫାଳି କହିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପଣ୍ଡା, ସମୀର ରଞ୍ଜନ ପୃଷ୍ଟି, ତାପସ କୁମାର ବାରିକଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।







# ପଞ୍ଚାୟତ ପୋଖରୀ ହୁଡ଼ାରୁ ୧୭ ଗଛ କାଟି ନେଲେ

**ରାଜନଗର, ୨୪।୧(ଡି.ଏନ.ଏ.)**



ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ହାତିଆଗଡି ପୋଖରୀ ହୁଡାରୁ ୧୭ଟି ବଡ ଗଛକୁ କେତେଜଣ ବ୍ୟକ୍ତି କାଟି ନେଇଛନ୍ତି। ୨୦ ବର୍ଷ ତଳେ ପରିବେଶ ସୁରକ୍ଷା ପାଇଁ ଲଗାଯାଇଥିବା ଏହି ଗଛକୁ କଟାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ, ହାତିଆଗଡି ଗାଁରେ ଥିବା ପଞ୍ଚାୟତ ପୋଖରୀ ଚତୁଃପାର୍ଶ୍ୱରେ ୨୦ ବର୍ଷ ତଳେ ଆକାଶୀ, ୟୁକାଲି ପଟାସ ଓ ଚାକୁଣ୍ଡା ଗଛ ଲଗାଯାଇଥିଲା। ସୋମବାର ଉକ୍ତ ଗାଁର କେତେଜଣ ବ୍ୟକ୍ତି ମିଶି କଟର ସାହାଯ୍ୟରେ ଗଛ କାଟି ନେଇଛନ୍ତି। ସରକାରୀ ପୋଖରୀ ହୁଡାରୁ କିପରି ସେମାନେ ୧୭ଟି ବଡ ଗଛକୁ କାଟିବାକୁ ସାହସ ଜୁଟାଇଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ସ୍ଥାନରୁ ଗଛ କାଟିବା ପୂର୍ବରୁ ବନ ବିଭାଗର ଅନୁମତି ଜରୁରୀ। ଏହାବାଦ୍ ସରକାରୀ ଜମିରୁ ଯାହା ଗଛ କଟାହେବ, ତାହାକୁ ତହସିଲଦାର ପ୍ରକାଶ୍ୟ ନିଲାମ କରିବେ। ଏପରିସ୍ଥଳେ କିପରି ସେମାନେ ବିନା ଅନୁମତିରେ ଗଛ କାଟି ନେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରାଙ୍କୁ ପଚାରିବାରୁ ଏ ନେଇ ଗଛ କାଟିଥିବା ଲୋକଙ୍କ ନାଁରେ ମାମଲା ରୁଜୁ ହେବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।




# ସାହିତ୍ୟ ଇତିହାସ ସୃଷ୍ଟିକରେ, ସଂସ୍କାର ଶିଖାଏ


ଉତ୍ସବରେ ଅତିଥିମାନେ ମୁଖପତ୍ର ପ୍ରତିଧ୍ୱନିକୁ ଉନ୍ମୋଚନ କରୁଛନ୍ତି।

**କନିକା ପୂଜ୍ୟପୂଜା ପରିଷଦର ୯ମ ବାର୍ଷିକ ସମାବର୍ତ୍ତନ ଉତ୍ସବ**

**ରାଜକନିକା, ୨୪।୧(ଡି.ଏନ୍.ଏ.)**

ସାହିତ୍ୟ ଇତିହାସ ସୃଷ୍ଟି କରେ। ଗାଁର ଇତିହାସ ଲେଖିଲେ ହିଁ ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହୁଏ। ସାହିତ୍ୟ ସଂସ୍କାର ଶିଖାଇଥାଏ। ଭାଷା ସାହିତ୍ୟକୁ ଉଜ୍ଜୀବିତ ରଖିବାକୁ ସାହିତ୍ୟ ଚର୍ଚ୍ଚାର ଆବଶ୍ୟକତା ଅଛି ବୋଲି କନିକା ପୂଜ୍ୟପୂଜାର ୯ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ହର ପ୍ରସାଦ ଦାସ ମତବ୍ୟକ୍ତ କରିଛନ୍ତି। ରାଜକନିକାର କନିକା ପୂଜ୍ୟପୂଜା ପରିଷଦ ୯ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱ, ସମ୍ପାଦକ କପିଳ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ଦାସ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଯୋଗଦେଇ ସାହିତ୍ୟ ଚର୍ଚ୍ଚାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ପରିଷଦର ଉଦ୍ଦେଶ୍ୟକୁ ପାଥେୟ କରି ବଣମଲ୍ଲୀ ବଣରେ ଫୁଟି ଝଡ଼ି ନ ପଡୁ, କନିକାର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ଲକ୍ଷ୍ୟ ନେଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ରଘୁନାଥ ରାଉତଙ୍କୁ ମୁଖ୍ୟଅତିଥି ଡ. ଦାସ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମରଣୋତ୍ତର ଭାବେ ଦିବଂଗତ ନେତ୍ରାନନ୍ଦ ମିଶ୍ରଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ନିମାଇଁଙ୍କୁ ପରିଷଦର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଦାମୋଦର ଧଳ ଓ ଦିବଂଗତ ଘନଶ୍ୟାମ ଧଳଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ଅମୀୟଙ୍କୁ ପରିଷଦର ଅନ୍ୟତମ ବରିଷ୍ଠ ସଦସ୍ୟ ଗୋପୀନାଥ ବିଶ୍ୱାଳ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରିଷଦର କୋଷାଧ୍ୟକ୍ଷ ପ୍ରଫେସର ସୁରେଶ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ମୁରଲୀଧର ନାୟକ ଓ ଶିକ୍ଷାବିତ୍ ନରହରି ପାତ୍ର ପ୍ରମୁଖ ମାନପତ୍ର ପଠନ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ପ୍ରତିଧ୍ୱନି'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସମ୍ପାଦକ ମିଶ୍ର ବେଦମନ୍ତ୍ର ପଠନ ପୂର୍ବକ ସମ୍ପାଦକୀୟ ବିବରଣୀରେ ପରିଷଦର ଆଭିମୁଖ୍ୟ ପାଠ କରିଥିଲେ। ପରିଷଦର ଅନ୍ୟତମ ସଦସ୍ୟ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ। କନିକା ଯୋଗ ପରିବାରର ନିମାଇଁ ଚନ୍ଦ୍ର ଓଝାଙ୍କ ନେତୃତ୍ୱରେ ସମସ୍ତ ସଭ୍ୟାସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାମ ବନ୍ଦ କଲେ ଗ୍ରାମବାସୀ

**ଦଶପଲ୍ଲା,୨୪।୧(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମବାସୀ ଖୋର୍ଦ୍ଧା-ବଲାଙ୍ଗୀର ରେଳ ବିଭାଗ କାମ ମଙ୍ଗଳବାର ବନ୍ଦ କରିଛନ୍ତି । ସେଠାରେ ରେଳ ବିଭାଗ ଯେଉଁ ଜମି ଅଧିଗ୍ରହଣ କରିଛି ସେହି ଜମିର ଉଚିତ୍ କ୍ଷତି ପୂରଣ ଆଜି ପର୍ଯ୍ୟନ୍ତ ରେଳ ବିଭାଗ ତରଫରୁ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ଦିଆଯାଇନାହିଁ । କ୍ଷତିପୂରଣ ପ୍ରଦାନ ନ କରି କିଭଳି ଭାବେ ରେଳ ବିଭାଗ ମନଇଚ୍ଛା କାମ କରୁଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ଅଭିଯୋଗ କରିଥିଲେ ମଧ କେହି ଶୁଣି ନାହାନ୍ତି । ଉଚିତ୍ ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ ରେଳ ପ୍ରକଳ୍ପ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ସିଧାସଳଖ ପ୍ରଶାସନକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

### ଫେବୃୟାରୀ ୧୭ରେ ସମୂହ ବ୍ରତୋପନୟନ

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.):** କଣ୍ଟିଲୋ ଯାତ୍ରାପଦାସ୍ଥିତ ପଞ୍ଚମୁଖୀ ହନୁମାନ ଜୀଉଙ୍କ ବିଂଶ ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଫେବୃୟାରୀ ୧୭ରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଗ୍ରହୀ ବ୍ରାହ୍ମଣ ପରିବାର ଏହାର ସୁଯୋଗ ନେବାକୁ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି । ନିର୍ଦ୍ଧାରିତ ଦିବସରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ତଥା ମାଗଣାରେ ବ୍ରତୋପନୟନ କରାଯିବାର ବ୍ୟବସ୍ଥା ହୋଇଛି । ନିଜର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଇଚ୍ଛୁକ ଥିବା ପରିବାରମାନେ ମନ୍ଦିର ପରିଚାଳନା କମିଟି ସଭ୍ୟ କିମ୍ବା ଆୟୋଜକ ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କୁ ମୋବାଇଲ ନଂ. ୯୪୩୭୫୧୭୧୯୨ ଓ ସମ୍ପାଦକ ଲକ୍ଷ୍ମୀଧର ତିନରାଙ୍କୁ ମୋବାଇଲ ନଂ.୯୯୩୭୭୧୫୭୦୦ରେ ଯୋଗାଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

### ମହାମାୟୀଙ୍କ ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.)**-କଣ୍ଟିଲୋ ନିକଟସ୍ଥ ପଥରଚକଡା ଗ୍ରାମରେ ମଙ୍ଗଳା ମହାମାୟୀଙ୍କ ବାର୍ଷିକ ଉତ୍ସବ ୨ଦିନ ବ୍ୟାପୀ ଅନୁଷ୍ଠିତ ହେବ । ଏହି ଅବସରରେ ମଙ୍ଗଳବାର ଅଧିବାସଠାରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମହାନଦୀରୁ କଳସରେ ଜଳ ନେଇ ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ । ବୁଧବାର ନାମ ସଂକୀର୍ତ୍ତନ ଓ ଗୁରୁବାର ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯିବ ବୋଲି ଆୟୋଜକମାନେ କହିଛନ୍ତି ।

### ନୀଳମାଧବଙ୍କୁ ୫୦ ହଜାର ଟଙ୍କା ଦାନ କଲେ ମହିଳା

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉ ସର୍ବ ଜନବିଦିତ । ତାଙ୍କ ଆଶିଷ କାମନା କରି ରବିବାର ଭାପୁର ବ୍ଲକ ଅଧିନ ଖଇରିଗାଡିଆ ଅଞ୍ଚଳର ପଙ୍କଜିନୀ ପଟ୍ଟନାୟକ ଶ୍ରୀଜୀଉଙ୍କ ଲାଗି ୫୦ହଜାର ଟଙ୍କା ଦେବୋତ୍ତର କାର୍ଯ୍ୟାଳୟରେ ଦାନ କରି ରସିଦ ପ୍ରାପ୍ତ ହୋଇଛନ୍ତି । ଏପରି ଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବ୍ଲକ୍ ସମ୍ମୁଖରେ ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ଧାରଣା

**ଖଣ୍ଡପଡ଼ା,୨୪।୧(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ସମସ୍ତ ହିତାଧିକାରୀଙ୍କ ତାଲିକା ଏବେ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇଛି । ତେବେ ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ତାଲିକାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ ବହୁ ଏକର ଜମି ବାଡିର ମାଲିକ, କୋଠାଘର ଥିବା ବ୍ୟକ୍ତିଙ୍କ ନାମ ଏହି ତାଲିକାରେ ସ୍ଥାନିତ ହୋଇଥିବା ଅଭିଯୋଗ ହେଉଛି । ଅନିୟମିତତା ଭାବେ ଏହି ହିତାଧିକାରୀ ଚୟନ କରାଯାଇଥିବାରୁ ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପାଇ ଖଣ୍ଡପଡ଼ା ପୋଲିସ, ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଘଟଣା ସ୍ଥଳରେ ପହଁଚି ଧାରଣାରତ ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଏବିଡିଓ ସୁବାସ ଚନ୍ଦ୍ର ସେଠୀ ଆନ୍ଦୋଳନରତ ଜନସାଧାରଣଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଛି ।


ବ୍ଲକ ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ ।

# ପୂର୍ବତନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ହାଜର ପାଇଁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୨୪।୧**

**ବୃଦ୍ଧାଶ୍ରମର ୨୮ ଲକ୍ଷ ହଡପ ଘଟଣା**

ନୟାଗଡ ସହର ଡିଆରଡିଏ ରୋଡର ଲେଖନପୁର ଗାଁ ନିକଟରେ ଥିବା ସମର୍ପଣ ବୃଦ୍ଧାଶ୍ରମରେ ଦାନ ଅର୍ଥରାଶି ୨୮ ଲକ୍ଷ ଟଙ୍କା ଅନିୟମିତତା ମାମଲାରେ ନୟାଗଡ଼ ଏସଡିଜେଏମ ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ଧିରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଫେବୃୟାରୀ ୯ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୃଦ୍ଧାଶ୍ରମର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଭିଯୋଗ ଅନୁସାରେ ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ବିଭିନ୍ନ ବଦାନ୍ୟ ବ୍ୟକ୍ତଙ୍କ ଠାରୁ ୨୮ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ଏହି ଅର୍ଥ ଖର୍ଚ୍ଚ ପରିଚାଳନା ପରିଷଦ ଓ ସାଧାରଣ ସଭ୍ୟଙ୍କ ଅଗୋଚରରେ ହୋଇଥିଲା । ଏନେଇ ଥାନାରେ ଓ ବିଧାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା । ପୋଲିସ ଅଭିଯୋଗକାରୀଙ୍କୁ ଅସହଯୋଗ କରଥିବାବେଳେ ଅନିୟମିତତା ଅଭିଯୋଗ ଥିବା ବ୍ୟକ୍ତିଙ୍କୁ ସହଯୋଗ କରିଥିଲା । ଫଳରେ ପ୍ରମୋଦ ଏସଡିଜେଏମଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ ।

# ଜିଲାସ୍ତରୀୟ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି

**ନୟାଗଡ଼ ଅଫିସ,୨୪।୧**

**ସାଂସ୍କୃତିକ ଆସର, ଖୋଲିବ ୬୫ ଷ୍ଟଲ**

ପୁରୁଷ ହକି ବିଶ୍ୱକପ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାସ୍ତରୀୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ ୨୫ରୁ ଆରମ୍ଭହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ଅବସରରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏକ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି । ନୟାଗଡ ପୁରୁଣା ସହରର ଦକ୍ଷୀଣକାଳୀ ପଡିଆରେ ଏ କାର୍ଯ୍ୟକ୍ରମ ହେବ । ସକାଳ ୧୦ରୁ ଆରମ୍ଭ ହୋଇ ରାତି ୧୦ ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ । ସାଂସ୍କୃତିକ ଆସର ଲାଗି ରହିବ । ଏଥିରେ ୧୦ ଟି ଖାଦ୍ୟ ଷ୍ଟଲକୁ ମିଶାଇ ୬୫ ଷ୍ଟଲ ପଡିବ । ରାଜ୍ୟର ୨୭ ଜିଲାର ୩୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏଥିରେ ସାମିଲ ହେବେ । ତେବେ ନୟାଗଡ଼ ଜିଲାରୁ ଏହି ତାଲିକାରେ ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁବାଶ ଚନ୍ଦ୍ର ରାୟ, ଜିଲା ପର୍ଯ୍ୟଟନ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ସାମିଲ



ସଡ଼କ ସୁରକ୍ଷା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ଗଣିଆ,୨୪।୧(ଡି.ଏନ୍.ଏ.)**

ସଡକ ସୁରକ୍ଷା ପାଇଁ ବିଭିନ୍ନସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ରାସ୍ତାରେ ଦୁର୍ଘଟଣା ରୋକିବା ସହ ନିରାପଦ ଯାତାୟତ ପାଇଁ ପୋଲିସ ଷ୍ଟୁଡେଣ୍ଟ କ୍ରେଡିଟ କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ଅନ୍ୟତମ ଜନସଚେତନତା ସୃଷ୍ଟି କରାଯାଉଛି । ମଙ୍ଗଳବାର ଗଣିଆସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ପୋଲିସ ଷ୍ଟୁଡେଣ୍ଟ କ୍ରେଡିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣିଆ ଥାନା ଏସ୍ଆଇ ବି.କେ. ଦେହୁରୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର, ଶିକ୍ଷକ ପବିତ୍ର କୁମାର ବେହେରା, ମୋ ସ୍କୁଲ ସଭାପତି ଦେବାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଟ୍ରାଫିକ ନିୟମ ମାନିବା,ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଲାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନରେ କଥା ନ ହେବା, ସିଟ୍ ବେଲ୍ଟ ପିନ୍ଧି ଗାଡ଼ି ଚଲାଇବା, ଗାଡି କାଗଜପତ୍ର ସହ ଡ୍ରାଇଭିଂ ଲାଇସେନ୍ସ ଠିକ୍ ରଖିବା ପାଇଁ ସାଧାରଣରେ ସଚେତନତା ପାଇଁ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା, ଜୀବନ ରକ୍ଷା ସମ୍ପର୍କୀତ ପ୍ଲାକାର୍ଡ ହାତରେ ଧରି ଗଣିଆ ବଜାର ପରିକ୍ରମା କରିଥିଲେ । ଗଣିଆ ବଜାର ଦେଇ ଯାଉଥିବା ଯାନବାହାନ ଆରୋହୀମାନଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ସଚେତନତା କରିବା ସହ ସିଟ୍‌ବେଲ୍ଟ ଓ ହେଲମେଟ ପିନ୍ଧିଥିବା ଚାଳକମାନଙ୍କୁ ଛାତ୍ରୀଛାତ୍ରମାନେ ଚକ୍‌ଲେଟ ଦେଇ ଉତ୍ସାହିତ କରିଥିଲେ ।

## ଜାତୀୟ କନ୍ୟା ସନ୍ତାନ ଦିବସ

**ନୟାଗଡ଼ ଅଫିସ,୨୪।୧**

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ମଙ୍ଗଳବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା ଯୋଗଦେଇ କନ୍ୟା ସନ୍ତାନର ଶିକ୍ଷା, ସୁରକ୍ଷା, ସମ୍ମାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ନୟାଗଡ଼ ଜିଲାରେ କନ୍ୟା ସନ୍ତାନ ସଂଖ୍ୟା ହ୍ରାସ କିଭଳି ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ ରଥ ଯୋଗଦେଇ ଝିଅମାନେ ପୁଅମାନଙ୍କ ସହ ତାଳଦେଇ ଆଗେଇ ଚାଲନ୍ତୁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କାର୍ଯ୍ୟକ୍ରମ ସଂଯୋଜକ (ପୋଷଣ) କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଜିଲାରେ ମହିଳାମାନଙ୍କ କୁପୋଷଣର ସ୍ଥିତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସୁଧାଂଶୁ ଶେଖର ଷଡଙ୍ଗୀ, ଡା. ପୁଷ୍ପା ନୀଳିମା ଲାକ୍ରା ଓ ଅନ୍ୟମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଜିଲା ସହପରିଚାଳକ (ଆଇନ୍) ଅଜିତ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରିଣୀ ସ୍ମିତିଲତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।







# ନୀଳମାଧବ କଲେଜରେ ହରଘର ଧ୍ୟାନ କାର୍ଯ୍ୟକ୍ରମ

**ଖଣ୍ଡପଡା,୨୪।୧(ସ୍ୱ.ପ୍ର.)**

ସ୍ୱାଧୀନତାର ୭୫ ବର୍ଷ ତଥା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ମିଳିତ ଆନୁକୂଲ୍ୟରେ ହର ଘର ଧ୍ୟାନ କାର୍ଯ୍ୟକ୍ରମ ସୋମବାର ନୀଳମାଧବ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରଫେସର ରଣଜିତ କୁମାର ତ୍ରିପାଠୀ ଆୟୋଜିତ ଧ୍ୟାନ ଶିବିରରେ ପୌରୋହିତ୍ୟ କରିଥିଲେ । ଆର୍ଟ ଅଫ୍ ଲିଭିଂ ଧ୍ୟାନ ପ୍ରଶିକ୍ଷକ ଡ.ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧ୍ୟାନର ଆବଶ୍ୟକତା ଓ ଉପକାରୀତା ସମ୍ପର୍କରେ ଆଲୋକପାତ କରିଥିଲେ । ଜଣେ ବ୍ୟକ୍ତି ୨୦ ମିନିଟରୁ ୪୫ ମିନିଟ ପର୍ଯ୍ୟନ୍ତ ଧ୍ୟାନ କଲେ ଆରୋଗ୍ୟ ହୋଇ ପାରିବ ବୋଲି ପରାମର୍ଶ ଦେଇଥିଲେ। । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ଯୋଗଦେଇ ଧ୍ୟାନର ମାନସିକ ଓ ଶାରୀରିକସ୍ତରରେ ଏହାର ପ୍ରଭାବ ଅନୁଭବ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁଜଳ କୁମାର ମହାରଣା ଓ ରମେଶ ଚନ୍ଦ୍ର ପାଢୀ ସଂଯୋଜନା କରିଥିଲେ । ପ୍ରାଧ୍ୟାପକ ଡ.ପବିତ୍ର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।




# ବାହାଡ଼ାଝୋଲା ବାଳିକା ହାଇସ୍କୁଲରେ ବାର୍ଷିକୋତ୍ସବ


କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ଓଡ଼ଗାଁ,୨୪।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ବାହାଡ଼ାଝୋଲା ସରକାରୀ ବାଳିକା ହାଇସ୍କୁଲର ୩୭ତମ ବାର୍ଷିକୋତ୍ସବ ତଥା କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ୍ ତଥା ପରିଚାଳନା କମିଟି ସଦସ୍ୟ ବାଞ୍ଛାନିଧି ମହାପାତ୍ର ଏଥବରେ ଅଧକ୍ଷତା କରିଥିଲେ । ସରପଞ୍ଚ ଆରତୀ ସେଠୀ ଓ ସମବାୟ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ସାହୁ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ବିଜୟ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ପ୍ରଜ୍ଞା ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥିଙ୍କ ସମେତ ଅତିଥିମାନେ ଶିକ୍ଷା ସହିତ ନିୟମିତ କ୍ରୀଡା ଅଭ୍ୟାସ ହିଁ ପିଲାଙ୍କ ସାମଗ୍ରିକ ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ । ଅନ୍ୟପକ୍ଷେ କିଛି ବର୍ଷ ମଧ୍ୟରେ ଜିଲାରେ ପଛୁଆ ରହିଥିବା ଏହି ସ୍କୁଲର ସାମୁହିକ ବିକାଶ ସମ୍ଭବ ହୋଇଥିବା ବେଳେ ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପଦବୀ ପୂରଣ ହୋଇ ନ ଥିବାରୁ ଏଥିରେ ଅନ୍ତରାୟ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଏସବୁ ପଦବୀ ପୂରଣ ନିମନ୍ତେ ସରକାରଙ୍କ ନିକଟରେ ଦାବୀ କରାଯିବ ବୋଲି ଅତିଥିମାନେ କହିଥିଲେ । ଡିସେମ୍ବରରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷୟିତ୍ରୀ ନିରୁପମା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ ସଫଳତା ପାଇଥିବା ସମସ୍ତ କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୫୦୧ ଟଙ୍କା ନଗଦ ପୁରସ୍କାର କ୍ରୀଡାବିତ୍‌ଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଲିପ୍ସା ପ୍ରିୟଦର୍ଶିନୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଚିତ୍ରା ପ୍ରଧାନଙ୍କୁ ଉତ୍ତମ ବ୍ୟବହାର ଓ ସୁକନ୍ୟା ସାହୁଙ୍କୁ ସୁନ୍ଦର ହସ୍ତାକ୍ଷର ନିମନ୍ତେ ଅତିରିକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ରସର କେଳୀ ଓ ବେଟି ବଚାଓ ବେଟି ପଢାଓ ନାଟକ ମଞ୍ଚସ୍ଥ କରାଯାଇଥିଲା । ପିଲାଙ୍କ ଶୃଙ୍ଖଳିତ ଆଚାର ବ୍ୟବହାର ଓ ସୁନ୍ଦର ଅଭିନୟ ନିମନ୍ତେ ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନୀତ ଅତିଥିମାନେ ୩୦୦୦ ହଜାର ଟଙ୍କା ନଗଦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ପ୍ରସନ୍ନା ମଲିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶିକ୍ଷୟିତ୍ରୀ ଜାନକୀ ସାହୁ,ସୁଚିସ୍ମିତା ସାହୁ ଓ ସୁନୀତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



**ଶିକ୍ଷକଙ୍କ ଘରୁ ପୁଣି ଚୋରି**

ବରୀ,(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁର ଥାନା ରତ୍ନଗିରି ପଞ୍ଚାୟତ ରାଉତ ସାହି (ଖରିମୁଣ୍ଡା)ଗ୍ରାମର ଶିକ୍ଷକ ଅଶୋକ ଦାସଙ୍କ ଘରୁ ପୁଣି ଚୋରି ହୋଇଛି। ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଆସବାବପତ୍ର ଲୁଟ୍ କରିଛନ୍ତି। ଏନେଇ ଅଶୋକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଶୋକ ବାହାରେ ଥିବାରୁ ଲୋକଙ୍କଠାରୁ ଖବର ପାଇଥିଲେ। ବିଗତ ଦିନରେ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହ ସୁନା ଅଳଙ୍କାର ଓ ନଗଦ ଅର୍ଥ ରାଶି ଲୁଟି ନେଇଥିଲେ। କିନ୍ତୁ ରବିବାର ରାତିରେ ସେହି ଘରୁ ପୁଣି ଚୋରି ହେବା ସନ୍ଦେହ ସୃଷ୍ଟି କରୁଛି। ଘର ଆଗରେ ସିସିଟିଭି ଥିବାରୁ ପୋଲିସ ଲୁଟେରାଙ୍କୁ ଠାବକରି ପାରୁଛି କି ନାହିଁ ତାହା ଦେଖିବାକୁ ଅପେକ୍ଷା। ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଗାୟିକା ଅରୁପମା ନାୟକ ପୁରସ୍କୃତ



ସିଂହପୁର,୨୪ା୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ସ୍ତ୍ରୀ ଅରୁପମା ନାୟକ ଏକ ଘରୋଇ ଟେଲିଭିଜନ ଚ୍ୟାନେଲର ସିଙ୍ଗିଙ୍ଗ୍ ରିୟଲିଟି ଶୋ’ ‘ସ୍ୱରଲକ୍ଷ୍ମୀ’ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଜୟୀ ହୋଇ ପୁରସ୍କୃତ ହୋଇଛନ୍ତି। ତାଙ୍କୁ ନଗଦ ୫୦ ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୀତାରାମ ଅଗ୍ରୱାଲା, ନମିତା ଅଗ୍ରୱାଲା, ବରିଷ୍ଠ ଅଭିନେତା ଶ୍ରୀକାନ୍ତ ଗୌତମ, ମୁମ୍ବାଇ କଣ୍ଠଶିଳ୍ପୀ ଲୋପିତା ମିଶ୍ର ଓ ଲୋପାମୁଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅରୁପମା ପୁରସ୍କୃତ ହୋଇଥିବାରୁ ବାଙ୍ଗରା ନୋଡାଲ ଉପ୍ରା ବିଦ୍ୟାଳୟ, କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ମନ୍ତ୍ରୀ ପ୍ରମିଳା ମଲିକ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଓ ପ୍ରାକ୍ତନ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ଥାୟୀ ପଟ୍ଟା, ଘର ଯୋଗାଣ ଦାବିରେ ଧାରଣା

ଯାଜପୁର ଟାଉନ,୨୪ା୧(ଡି.ଏନ.ଏ.): ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ବିରଜାପୁର ପଞ୍ଚାୟତ ବାମଦେବପୁର ରାଜସ୍ୱ ଗ୍ରାମର ସ୍ଥାୟୀ ପଟ୍ଟା ଓ ଠିକ୍ ଢଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଗାଣ ଦାବିରେ ମଙ୍ଗଳବାର ବିରଜାପୁର ଗ୍ରାମ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଧାରଣା ଦିଆଯାଇଛି। ୭୩ବର୍ଷ ହେବ କବଲା ମାଧମରେ କିଣାବିକା କରାଯାଉଥିବାବେଳେ ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇନାହିଁ। ପଟ୍ଟା ନ ଥିବାରୁ ଏହି ପଞ୍ଚାୟତର ଲୋକମାନେ ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାଣପତ୍ର ଓ ଘରୋଇ ପ୍ରମାଣପତ୍ର ପାଇପାରୁନାହାନ୍ତି। ଏହାବ୍ୟତୀତ ପଞ୍ଚାୟତରେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠିକ୍ ଢଙ୍ଗରେ ନ ମିଳିବା, ପୂର୍ବରୁ ଏହି ଯୋଜନା ହାତେଇଥିବା ଲୋକଙ୍କୁ ପୁଣି ଘର ପ୍ରଦାନ କରିବା ଓ ଠିକ୍ ହିତାଧିକାରୀଙ୍କୁ ଚୟନ ପ୍ରକ୍ରିୟା ତାଲିକାରୁ ବାଦ୍‌ଦେବା ଆଦି ଅଭିଯୋଗ କରି ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଅଜିତ କୁମାର ସାମଲ, ଦୀପକ ଦାସ, ରଶ୍ମିରଞ୍ଜନ ପଣ୍ଡା, ପ୍ରମୋଦ କୁମାର ମାଝି, ରାଜନ ମାଝି, ପ୍ରବୀର ଦାସ, ମଣ୍ଟୁ ବେହେରା, ବାବାଜୀ ଦାସ, ନିର୍ମଳ କୁମାର ସାମଲ, ସ୍ୱପ୍ନାରାଣୀ ତରାଇ ଓ ସରସ୍ୱତୀ ମାଝିଙ୍କ ସମେତ ବହୁ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣର ଶେଷ ପର୍ଯ୍ୟାୟରେ ଗଛକଟା

- କମ୍ କରାଯାଇଛି ରାସ୍ତାର ଚଉଡ଼ା
- ବିଳମ୍ବକୁ ନେଇ ସାଧାରଣରେ ପ୍ରଶ୍ନବାଚୀ

ଚଣ୍ଡିଖୋଲ,୨୪ା୧(ଡି.ଏନ.ଏ.):

ଚାରବାଟିଆ ପୂର୍ତ୍ତ ବିଭାଗ ଅନ୍ତର୍ଗତ ବଡ଼ଚଣା ଉପଖଣ୍ଡରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ବିଭାଗ ଅଧୀନରେ ନିର୍ମାଣ ଚାଲିଥିବା ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏବେ ରାସ୍ତା ପାର୍ଶ୍ୱ ଗଛ କଟା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତାକୁ ୨୦୧୯ ନଭେମ୍ବରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଆକଳନ କରାଯାଇ ୧୦ କିଲୋମିଟର ୨ଶହ ମିଟର ରାସ୍ତାକୁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର କରାଯାଇଥିଲା। ଏହାକୁ ୧୧ କି.ମି. ୨ଶହ ମିଟର କରାଯାଇ ୨୦୨୧ ଫେବୃୟାରୀ ୨୪ରେ ପୂର୍ତ୍ତ ବିଭାଗ, ବନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ୫୫ଟି ଗଛ କଟାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ସେଥିପାଇଁ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ନଳକୂପ ଉଠାଯିବ ବୋଲି ସ୍ଥିର କରାଯାଇଥିଲା। ରାସ୍ତାର ଦୁଇଟି ଖଣ୍ଡକୁ ୯ କୋଟି ୯୭ ଲକ୍ଷ ୩୬ ହଜାର ଟଙ୍କା ଲେଖାଏ ୧୯କୋଟି ୯୪ଲକ୍ଷ ୭୨ ହଜାର ମୋଟ ରାସ୍ତା ନିର୍ମାଣରେ ଖର୍ଚ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇ ଟେଣ୍ଡର ହୋଇଥିଲା। ଏହି ରାସ୍ତାର ଚଉଡ଼ା ୮ .୫ ମିଟର କରାଯିବ ବୋଲି ସ୍ଥିର କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗଛ କାଟିବା ପାଇଁ ବନ ନିଗମ ପକ୍ଷରୁ ୧୨ ଲକ୍ଷ ୫୫ ହଜାର ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ରାସ୍ତା କଡ଼ରୁ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଉଠାଇବା ପାଇଁ ୩ କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ଏବେ ରାସ୍ତା କାର୍ଯ୍ୟ କରୁଥିବା ଠିକା ସଂସ୍ଥା ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ପିଚୁ କାମ ଶେଷ କରିସାରିଲାଣି। ସେହିଭଳି କଳାଶ୍ରୀଠାରୁ ବେଣୀପୁର ପର୍ଯ୍ୟନ୍ତ ପିଚୁ କାମ ଆରମ୍ଭ ହୋଇ ସାରିଲାଣି। ଯେଉଁଠି ରାସ୍ତା କଡ଼ରେ ଗଛ ଥିଲା ସେପରି ଅଛି। ରାସ୍ତାର ଚଉଡ଼ା କମ୍ କରି ସେଠାରେ ଠିକାଦାର ୬.୫ମିଟର କରିଛନ୍ତି। ମାତ୍ର ଏବେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଗଛ କଟାହେଉଛି। ଗତ ଡିସେମ୍ବରରେ ପୂର୍ତ୍ତ ବିଭାଗ ବନ ନିଗମ ନିକଟରେ ଟଙ୍କା ଜମା କରିବା ପରେ ଏହି ଗଛ କଟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ବନ ନିଗମର ନିର୍ଦ୍ଦେଶକ ଜଗନ୍ନାଥ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ଗତ ମାସରେ ଆମ ନିକଟରେ ଗଛ କାଟିବା ପାଇଁ ପଇସା ଜମା କରାଯାଇଥିଲା। ସେଥି ପାଇଁ ବିଳମ୍ବ ହୋଇଛି। ଆମେ ଯେତିକି ଗଛ କାଟିବୁ ତା’ର ୧୦ ଗୁଣ ଗଛ ଲଗାଇବୁ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଗଛ କାଟିବା ବିଳମ୍ବ ହୋଇଛି। ପୁନର୍ବାର ରାସ୍ତା ସମ୍ପ୍ରସାରଣ ସମୟରେ ଏହା କାର୍ଯ୍ୟରେ ଲାଗିବ।



ରାସ୍ତାକଡ଼ରୁ ଗଛକଟା ଚାଲିଛି।

# ଆବାସ ତାଲିକାରେ ଅନିୟମିତତା ନେଇ ଗଣଧାରଣା



ଭାଜପା ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ବିଞ୍ଝାରପୁର,୨୪ା୧(ଡି.ଏନ.ଏ.):

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ତାଲିକାରେ ଅନିୟମିତତା ଅଭିଯୋଗ କରି ମଙ୍ଗଳବାର ବିଞ୍ଝାରପୁର ବ୍ଲକ୍ ଭାଜପା ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ବ୍ଲକର ୨୯ ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମ୍ଭବ୍ୟ ତାଲିକାରୁ ବାଦ ପଡ଼ିଥିବା ବେଳେ ଅଯୋଗ୍ୟ ସାମିଲ ହୋଇଥିବା ଅଭିଯୋଗ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# ଦାନଗଦିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କଳିଙ୍ଗନଗର,୨୪ା୧(ଡି.ଏନ.ଏ.):

ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନୀତ ଅଗ୍ରୱାଲ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଦାନଗଦି ତହସିଲଦାର ନମ୍ରତା ମୋଦି, ଦାନଗଦି ବିଡିଓ ମଣିପ୍ରସାଦ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ ଓ ଜମିଜମା ସମ୍ବନ୍ଧୀୟ ମୋଟ୍ ୨୬୭ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ଏଥିମଧ୍ୟରୁ ଆବାସ ଯୋଜନାରେ ୨୩୬, ଭତ୍ତା ୨, ରାଶନ କାର୍ଡ ପାଇଁ ୨ ଓ ଅନ୍ୟାନ୍ୟ ୨୭ ଅଭିଯୋଗ ଅନ୍ତର୍ଭୁକ୍ତ। ତତ୍କାଳ ୩୧ ଆବେଦନରେ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବାସ ତାଲିକାରେ ଥିଲା ବାଲାଙ୍କ ନାଁ ରହୁଛି ବୋଲି ଅଭିଯୋଗ ହୋଇଥିଲା। ରଣାଗୁଣ୍ଡି ପଞ୍ଚାୟତ ବାରଖାଇ ଗ୍ରାମର ତ୍ରିଲୋଚନ ଜେନା ଅଭିଯୋଗ କରିଛନ୍ତି ଯେ, ୭/୮ ବର୍ଷ ହେବ ତାଙ୍କ ନାଁ ଆବାସ ତାଲିକାରେ ରହି ଆସୁଥିଲା। କିନ୍ତୁ ଏଥର କଟାଯାଇଛି।
ତ୍ରିଜଙ୍ଗା କଲୋନୀର ବନିତା ପାତ୍ର ଗୋଗ୍ୟ ହିତାଧିକାରୀ ହୋଇଥିବାବେଳେ ତାଙ୍କ ନାଁ ତାଲିକାରୁ ବାଦ ପଡ଼ିଛି। ସେହିପରି ତ୍ରିଜଙ୍ଗା, ରଣାଗୁଣ୍ଡି ଓ ଚାନ୍ଦିଆ ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡ଼ିଥିବା ଦେଖିବାକୁ ମିଳିଛି। ରାଣୀପଡ଼ା, ରାଛିପୁର ଓ ଖପୁରିଆପଦା ପଞ୍ଚାୟତରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଲୋକେ ଅଭିଯୋଗ କରିଥିଲେ।

## କେଡିଏମ୍ କ୍ରିକେଟ: ଏଣ୍ଡଲବା, ଚୋରମୁହାଁ ବିଜୟୀ

ଧର୍ମଶାଳା,୨୪ା୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍‌ରେ ମଙ୍ଗଳବାର କେଡିଏମ୍(କଳ୍ପତରୁ ଦାସ ମେମୋରିଆଲ୍) କ୍ରିକେଟ ଟୁର୍ନାମେଣ୍ଟର ସୁପରସିକ୍ସଟିନର ୨ୟ ମ୍ୟାଚ୍ ଶୁଭାରମ୍ଭ ହୋଇଛି। ଅନୁଷ୍ଠିତ ୨ ମ୍ୟାଚ୍‌ରେ ଏଣ୍ଡଲବା ଟିମ୍ ଓ ଚୋରମୁହାଁ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍ ଏଣ୍ଡଲବା ସହିତ ଜାରକା ଓ ୨ୟ ମ୍ୟାଚ୍ ରେଖିଦେଇପୁର ସହିତ ଚୋରାମୁହାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।
ପ୍ରଥମ ମ୍ୟାଚ୍‌ରେ ଏଣ୍ଡଲବା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୧୨ରନ କରିଥିଲା। ଜବାବରେ ଜାରକା ଟିମ୍ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୦୯ରନ କରି ପରାସ୍ତ ହୋଇଥିଲା।
ଦ୍ୱିତୀୟ ମ୍ୟାଚ୍‌ରେ ରେଖିଦେଇପୁର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୧୧ ରନ କରିଥିଲା। ଜବାବରେ ଚୋରମୁହାଁ ଟିମ୍ ବ୍ୟାଟିଂ କରି ୧୪.୨ ଓଭରରେ ୯ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା। ଖେଳକୁ ଇନ୍ତେକାବ ଆଲାମ, ନାରାୟଣ ପାଳ, ସୁବ୍ରତ ଜେନା ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ନରସିଂହପୁର ଓ ରାଇଛନ୍ଦା ଏବଂ ଦ୍ୱିତୀୟ ମ୍ୟାଚ୍ ବଡ଼କଇଞ୍ଝି ଓ କଣ୍ଟିଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ପୀତବାସ



@ ଅସ୍ମିତା



@ ତୃଷ୍ଣା



@ ଚିନ୍ଦିନୀ



@ ଅରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖରସ୍ରୋତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସିଂହପୁର,୨୪ା୧(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ୍ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜସ୍ୱମନ୍ତ୍ରୀ ପ୍ରମିଳା ମଲିକ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଅଭିରାମ ବିଶ୍ୱାଳ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ ଓ ପରିଚାଳନା କମିଟି ସଭାପତି ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଉପସଭାପତି ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜର ପ୍ରତିଷ୍ଠା ଓ ପ୍ରଗତି କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୨ ଓ ଯୁକ୍ତ ୩ରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନୈତିକ ବିଜ୍ଞାନ ସମ୍ମାନ ଟପ୍ପର ସୁଶ୍ରୀ ଦେବପ୍ରିୟା ନାୟକଙ୍କୁ ସୁଧାକର ଧଳ ସ୍ମାରକୀ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। କଲେଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ କ୍ଷୀରୋଦ ବେହେରା, ପ୍ରଧାପକ ଅଶୋକ ପଣ୍ଡା, ପ୍ରାଧ୍ୟାପକ ସୁବୋଧ ନାୟକ, ଉପସଭାପତି ମିହିର ରାଉତ, ଅଧ୍ୟାପିକା ଜ୍ୟୋତିପ୍ରଭା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଗଗନ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।



ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ଜାତୀୟ କନ୍ୟା ଦିବସରେ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କଳିଙ୍ଗନଗର,୨୪ା୧(ଡି.ଏନ.ଏ.):

ଜାତୀୟ କନ୍ୟା ଦିବସ ଉପଲକ୍ଷେ ମଙ୍ଗଳବାର ଯାଜପୁରସ୍ଥିତ ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା(କନିଷ୍ଠ)ମହା ବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାନେତ୍ରୀ ଅମୂଲୀ ପହିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହିଳା କଂଗ୍ରେସର ରାଜ୍ୟ ଅଧ୍ୟକ୍ଷା ବନ୍ଦିତା ପରିଡ଼ା, ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଇଂରାଜୀ ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ସୁଲେଖିକା ସନ୍ଧ୍ୟାରାଣୀ ଘଡ଼େଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ।
କଲେଜ ଇଂରାଜୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତି ସାଧାରଣ ସମ୍ପାଦିକା ଜୟନ୍ତୀ ଜେନା କନ୍ୟା ଦିବସ ଉପରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି କନ୍ୟାଙ୍କୁ ସୁଶିକ୍ଷା ଗ୍ରହଣ କରି ସୁନ୍ଦର ଭବିଷ୍ୟତ ଗଠନ କରିବା ଦିଗରେ ଧ୍ୟାନ ଦେବା ସହିତ ସମାଜ ଗଠନରେ ନାରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଘଡ଼େଇ ତାଙ୍କ କ୍ତବ୍ୟରେ ଝିଅମାନେ ସଂସ୍କାରୀ ହେବା ସହ ସୁନ୍ଦର ମନର ମଣିଷ ହେଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ ବୋଲି କହି ପିଲାଙ୍କୁ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଦାଶ ତାଙ୍କ ବକ୍ତବ୍ୟରେ ଝିଅମାନେ ନିଜକୁ ଶକ୍ତିଶାଳୀ କରିପାରିଲେ ଭବିଷ୍ୟତରେ ସମସ୍ତ ସମସ୍ୟାର ସମାଧାନ କରିବା ସହିତ ନିଜର ସୁରକ୍ଷା କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୨୦୦ ଛାତ୍ରୀଙ୍କ ସହିତ ସମିତିର ଉପଦେଷ୍ଟା ଶାନ୍ତିଲତା ମାଝି, ସୁଜାତା ବାରିକ, ଯେମାମଣୀ କଅଁର, ମଞ୍ଜୁଲତା ନାୟକ, ମଧୁସ୍ମିତା ନାୟକ, ଅଧ୍ୟାପିକା ମମତାମୟୀ ଦାଶ, ପୁଷ୍ପଲତା ମଲିକ, ମମତା ବର୍ଦ୍ଧନ, ଦୀପ୍ତି ପଣ୍ଡା, ମାନସୀ ମଲିକ ଓ କବିତାପତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସଭ୍ୟା ପ୍ରଭାତୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବିର

**୩୮୨ ୟୁନିଟ୍ ରକ୍ତ ସଂଗ୍ରହ**

କଳିଙ୍ଗନଗର, ୨୪ା୧(ଡି.ଏନ.ଏ.)

ସଡ଼କ ସୁରକ୍ଷା ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଲଜିଷ୍ଟିକ୍ସ ବିଭାଗ ପକ୍ଷରୁ ଗ୍ରୀନ ଟ୍ରାନ୍ସପୋର୍ଟ ପାର୍କରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଏସ୍‌କେର ସୁରକ୍ଷା ବିଭାଗ, ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ, କଟକ ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ୍ ସେଣ୍ଟର ସହଭାଗିତାରେ ୩୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଅଭିଯାନକୁ ଟିଏସ୍‌କେର ଲଜିଷ୍ଟିକ୍ସ ଅପରେସନ୍ସ ବିଭାଗର ମୁଖ୍ୟ ସି.ଏଲ୍. କର୍ଣ୍ଣ ଉଦ୍‌ଘାଟନ କରିଥିବାବେଳେ ସୁରକ୍ଷା ବିଭାଗର ମୁଖ୍ୟ (ଅପରେସନ୍ସ) ଆର୍.ଏସ୍. ମିଶ୍ର ଓ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

## ସଂକ୍ଷେପରେ

### ଅର୍ଥ ହେରଫେର ଅଭିଯୋଗ: ପ୍ରଧାନ ଶିକ୍ଷକ ନିଲମ୍ବିତ

**ଜଗତ୍‌ସିଂହପୁର ଅଫିସ, ୨୪।୧:** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ମଉଗଜପୁରସ୍ଥିତ ବଲବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରଥ ମଲ୍ଲଙ୍କୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିରଞ୍ଜନ ବେହେରା ମଙ୍ଗଳବାର ନିଲମ୍ବିତ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ସଂଖ୍ୟା ୪୭୫ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଚିଠିରେ ଉଲ୍ଲେଖ ଅଛି, ସରକାରୀ ଅର୍ଥ ଅନିୟମିତତା କାରଣରୁ ଜିଲାପାଳଙ୍କ ଅନୁମୋଦନକ୍ରମେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ପଚାରିବାରୁ ପିଲାଙ୍କ ଅନୁପସ୍ଥିତ ସତ୍ତ୍ୱେ ଉପସ୍ଥିତି ଦର୍ଶାଯାଇ ମଧ୍ୟାହ୍ନଭୋଜନ ବାବଦ ଅର୍ଥ ହେରଫେର କରାଯାଇଥିଲା। କେବଳ ଏତିକି ନୁହେଁ, ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପୋଷାକ ବାବଦ ୧୫ ହଜାର ଟଙ୍କା ମଧ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଅଭିଯୋଗ ଆଧାରରେ ଅନୁଧାନ ପରେ ଏଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।

### ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଡକାୟତି ଘଟଣା: ୪ ଅଟକ

ମାର୍ଶାଘାଇ,୨୪।୧ (ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ ଲୁଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ହୋଇଥିବା ଡକାୟତି ହୋଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଥାନାରେ ଅଟକ ରଖିଥିବା ସହ ୨ଟି କେବୁଲ ତାର ବୋଝେଇ ପିକ୍‌ଅପ୍ ଭ୍ୟାନକୁ ମଧ ଜବତ କରିଛି। ସେଥିମଧ୍ୟରୁ ଏକ ଗାଡି ଭିତରୁ ପିତଳର ଏକ ବହୁମୂଲ୍ୟ ଗାୟତ୍ରୀଙ୍କ ମୂର୍ତ୍ତି ଜବତ କରିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଓ ଆହୁରି ଗିରଫଦାରୀ ସଂଖ୍ୟା ବଢ଼ିବା ଆଶଙ୍କାରେ ପୋଲିସ ତଥ୍ୟ ଦେବାକୁ ମନା କରିଛି। ସବିଶେଷ ତଥ୍ୟ ଦିନେ କି ଦୁଇଦିନ ମଧ୍ୟରେ ଜଣାଇ ଦିଆଯିବ ପୋଲିସ ସୂତ୍ରରୁ ପ୍ରକାଶ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ବାଲିକୁଦା,୨୪।୧(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳର ଏକ ଗାଁର ଜଣେ ନାବାଳିକାଙ୍କୁ ରବିବାର ସନ୍ଧ୍ୟାରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଦଫା ୩୬୩ ଆଇପିସିରେ ନଂ. ୨୮/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୋଗରୁ ପ୍ରକାଶ, ଗାଁର ଜଣେ ୧୬ ବର୍ଷର ନାବାଳିକା ରବିବାର ବନ୍ଧୁ ଘରକୁ ଯାଇଥିଲେ। ଏହାର ସୁଯୋଗରେ ପୁରୀ ଜିଲା ତୋରଣପଦା ଗାଁର ସୁବଳ ଦାସଙ୍କ ପୁଅ ମୁନା ତାକୁ ବାଇକ୍‌ରେ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ମୁନା ଝିଅକୁ ଅପହରଣ କରି ନେବା ବେଳେ ମୋ ପିଇସୀ ଝିଅ ଭଉଣୀ ଦେଖିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ପୋଲିସ ଉକ୍ତ ଘଟଣାକୁ ପ୍ରେମ ସମ୍ପର୍କ ବୋଲି ସନ୍ଦେହ କରିଛି।

### ପ୍ରଣାମ ଅଳକା ରଥ ପରିକ୍ରମା

**ଜଗତ୍‌ସିଂହପୁର ଅଫିସ, ୨୪।୧:** ଆସନ୍ତା ୨୬ ତାରିଖରେ ଅଳକାଶ୍ରମ ଶତବାର୍ଷିକୀ ପାଳନ ହେବାକୁ ଯାଉଛି । ଏନେଇ ଶତବାର୍ଷିକୀ କମିଟି ପକ୍ଷରୁ ପ୍ରଣାମ ଅଳକା ରଥ ଜିଲା ପରିକ୍ରମା ଆରମ୍ଭ କରିଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରୁ ଜିଲାପାଳ ପାରୁଲ ପଟୱାରି ଏହି ରଥକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ତା'ପରେ ସଂକୀର୍ତ୍ତନ ମଣ୍ଡଳୀ ସହ ରଥ ଜଗତ୍‌ସିଂହପୁର ସହର ପରିକ୍ରମା କରିଥିଲା। ଏହି ସମୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀକୃଷ୍ଣ ଏକାଡେମୀ, ଡ୍ରିମ ଇଣ୍ଡିଆ ସ୍କୁଲ, ବୃନ୍ଦାବନ ବିଦ୍ୟାପୀଠ ଓ ଡିଭାଇନ ସ୍କୁଲ ପକ୍ଷରୁ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ କମିଟି ଆବାହକ ଦେବେନ୍ଦ୍ର କୁମାର ରାଉତ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଶତବାର୍ଷିକୀ କମିଟି ପକ୍ଷରୁ ସୁରେନ୍ଦ୍ର ତ୍ରିପାଠୀ, ଗୌରାଙ୍ଗ ଚରଣ ହୋତା, ନିତ୍ୟାନନ୍ଦ ମହାନ୍ତି, ଆଲୋକ କୁମାର ଦାସ, ବିଜୟ କୁମାର ରଥ, ସୋମନାଥ ପଣ୍ଡା, କାଶୀନାଥ ଦୁବେ, ସତ୍ୟବ୍ରତ ମହାପାତ୍ର ଓ ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣି ପାଇଁ ରାସ୍ତା ଅବରୋଧ କଲେ ମହିଳା

**ବାଲିକୁଦା,୨୪।୧(ସ୍ୱ .ପ୍ର.)**



ତିହୁଡି ନହରଣା ମୁଖ୍ୟ ରାସ୍ତାକୁ ମହିଳାମାନେ ଅବରୋଧ କରିଛନ୍ତି।

- ୨୦ ଦିନ ହେବ ପାଣି ପାଇପ୍ ଫାଟିଯାଇଛି।
- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦେକ୍ଷେପ

୮ ପଞ୍ଚାୟତକୁ ପାନୀୟ ଜଳ ଆସୁ ନ ଥିବା ଅଭିଯୋଗ କରି ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଓଳାଂଶ ଗ୍ରାମର ମହିଳାମାନେ ତିହୁଡି ନହରଣା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ ଓଷକଣା, ଖାଲଗାଁ, ଅପଣ୍ଡରା, ଅନନ୍ତପୁର, କୁସୁପୁର, ବରମୁଣ୍ଡଳୀ, ନହରଣା ଓ ମରିଚପୁର ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର ବ୍ୟବସ୍ଥା କରିଥିଲେ। ଏନେଇ ଖାଲଗାଁ ପଞ୍ଚାୟତ ଅନ୍ତର୍ଗତ ଶୋଭା ଗ୍ରାମସ୍ଥିତ ପାନୀୟ ଜଳ ପ୍ରକଳ୍ପରୁ ପାଇପ ଯୋଗେ ଉପରୋକ୍ତ ପଞ୍ଚାୟତଗୁଡ଼ିକରେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ୨୦ ଦିନ ତଳେ ଶୋଭାଠାରେ ଏକ ଫାଟିଯାଇଥିବା ପାଣି ପାଇପ ମରାମତି କରାଗଲାବେଳେ ବିଭାଗ ପକ୍ଷରୁ ପାଣି ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଏନେଇ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କରାଯାଇଥିଲାବେଳେ ୨ ଦିନ ମଧ୍ୟରେ ପାଣି ଯୋଗାଇ ଦିଆଯିବ ବୋଲି କହି ଭଣ୍ଡେଇ ଆସୁଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚ ଉର୍ମିଳା ସାହୁ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ତୁରନ୍ତ ଏହି ସମସ୍ୟାର ସମାଧାନ ଦାବି କରି ଏହି ରାସ୍ତା ଅବରୋଧ କରାଯାଇଥିବା ମହିଳାମାନେ କହିଛନ୍ତି। ଏନେଇ ସେମାନେ ସକାଳୁ ବାଲିଟି ଓ ଗରା ଆଦି ରଖି ରାସ୍ତା ଅବରୋଧ କରିବା ଯୋଗୁ ଅନେକ ବସ୍ ରାସ୍ତାରେ ଅଟକି ରହିଥିଲା। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ବାଲିପାଟଣା ସାପ୍ତାହିକ ହାଟକୁ ଆସୁଥିବା ପରିବା ବୋଝେଇ ଗାଡି ମଧ ଅଟକି ରହିଥିଲା। ଖବରପାଇ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଗୁରୁବାର ସୁଦ୍ଧା ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏହାପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଛନ୍ତି। ଦାବି ପୂରଣ ନ ହେଲେ ଶୁକ୍ରବାର ରାସ୍ତାରେ ଟାୟାର ଜାଳି ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଜଗତ୍‌ସିଂହପୁର ଜିଲାରେ ଦଶ ଇଞ୍ଚିଆ ପାଇପର ଅଭାବ ରହିଛି। ତେଣୁ କୌଣସି ଠିକାଦାର ଏହି କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ ହେଉଛି।

# ଜଙ୍ଗଲ କମିଟି ଟଙ୍କା ହେରଫେର

## ଢିଙ୍କିଆବାସୀଙ୍କ ଏସ୍‌ପିଙ୍କୁ ଅଭିଯୋଗ



ଏସ୍‌ପି ରାହୁଲ ପିଆର୍‌ଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

**କୁଜଙ୍ଗ,୨୪।୧ (ଡି.ଏନ.ଏ.)**

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଥିବା ଜଙ୍ଗଲକୁ ରକ୍ଷଣାବେକ୍ଷଣ କରି ଜଙ୍ଗଲ କମିଟି ମାଧ୍ୟମରେ ଲୋକ ସୁରକ୍ଷା ଦେଉଥିଲେ। ପ୍ରକଳ୍ପ ଲାଗି ଜଙ୍ଗଲ କଟାଯିବା ପରେ ସୁରକ୍ଷା ଦେଉଥିବା ଲୋକଙ୍କ ପରିବାର ପ୍ରତିପୋଷଣ ଲାଗି କମିଟିରେ ଯେତିକି ପରିବାର ଥିଲେ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେଖାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଟଙ୍କା ହେରଫେର ନେଇ ଢିଙ୍କିଆ ଓ ମାହାଳର ଜନସାଧାରଣ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏସ୍‌ପି ରାହୁଲ ପିଆର୍ ପ୍ରଥମ କରି ଢିଙ୍କିଆ ଗସ୍ତ କରି ଜନସାଧାରଣଙ୍କୁ ଭେଟିବା ଅବସରରେ ଏଭଳି ଅଭିଯୋଗ ଶୁଣିଛନ୍ତି। ଏସ୍‌ପି ପ୍ରଥମେ ଗୋବିନ୍ଦପୁରଠାରେ ପହଞ୍ଚି ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ବୁଝିଥିଲେ। ପରେ ପାଟଣା ଯାଇ ଜନସାଧାରଣଙ୍କୁ ଭେଟିଥିଲେ। ଢିଙ୍କିଆଠାରେ ପହଞ୍ଚି ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣଙ୍କୁ ଭେଟିବା ଅବସରରେ ଢିଙ୍କିଆ ଗ୍ରାମ୍ୟ କମିଟିର ମୁଖ୍ୟ ଉପଦେଷ୍ଟା ନିର୍ଭୟ ସାମନ୍ତରାୟ ଅଭିଯୋଗ କରିଥିଲେ ଯେ, ଢିଙ୍କିଆର ୯୦ ଭାଗ ଲୋକ ଭୂମିହୀନ। ତାଙ୍କର ମୁଖ୍ୟ ଜୀବନ ଜୀବିକା ଥିଲା ପାନଚାଷ ଓ ପାନବରଜରେ ମଜୁରି ଲାଗିବା। ବର୍ଷେ ହେବ ପ୍ରକଳ୍ପ ନିମନ୍ତେ ପାନ ବରଜ ଦେଇଥିଲେ ବି ଅଦ୍ୟାବଧି ପ୍ରକଳ୍ପ ଆରମ୍ଭ ହୋଇପାରିଲା ନାହିଁ। ଫଳରେ ଜୀବିକା ହରାଇ ବସିଥିବା ଭୂମିହୀନ କାମ ନ ପାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି। ତେଣୁ ତୁରନ୍ତ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ନତୁବା ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଧାରିତ ଶ୍ରମିକ ଭତ୍ତା ୮୮ ହଜାର ଟଙ୍କାରୁ ପ୍ରଥମ କିସ୍ତିରେ ୪୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ୨ୟ କିସ୍ତିରେ କେତେଜଣ ବ୍ୟକ୍ତିଙ୍କୁ ଅବଶିଷ୍ଟ ୪୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲେ ବି ସେଥି ମଧ୍ୟରୁ ଅଦ୍ୟାବଧି ୧୫୦ ଜଣ ପାଇନାହାନ୍ତି ବୋଲି ପ୍ରସନ୍ନ ମଲ୍ଲିକ, ରମାକାନ୍ତ ମଲ୍ଲିକ, ସୁର ମଲ୍ଲିକ ପ୍ରମୁଖ ଅଭିଯୋଗ କରିଥିଲେ। ବଡକଥା ହେଲା ଜଙ୍ଗଲ କମିଟିରେ ପ୍ରତି ପରିବାରକୁ ୫୦ ହଜାର ଟଙ୍କା ଲେଖାଏ କ୍ଷତି ପୂରଣ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହି କ୍ରମରେ ଢିଙ୍କିଆ ଗାଁର ୫୬୦ ପରିବାର ମଧ୍ୟରୁ ୪୫୦ ପରିବାର ଜଙ୍ଗଲ ଜଗୁଥିଲେ। ମାତ୍ର ୫୦ ପରିବାରକୁ ଚଞ୍ଚକତା କରି ପରିବାର ପିଛା ୫ରୁ ୬ ଜଣ କରି ୧୪୨ଜଣଙ୍କୁ କ୍ଷତିପୂରଣ ରାଶି ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ମାହାଳ ଗାଁର ୧୫୦ ପରିବାର ଥିଲାବେଳେ ମାତ୍ର ୨୦ରୁ୨୫ ପରିବାର ମଧ୍ୟରେ ୧୫୦ ଜଣକୁ ଜଙ୍ଗଲ କମିଟି ଅର୍ଥ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କିଏ ପାଇଛନ୍ତି, ତାଙ୍କ ନାମ ପ୍ରଶାସନ ପ୍ରକାଶ କରୁନାହିଁ ବୋଲି ମାହଳ ଗାଁର ଭରତ ପ୍ରଧାନ, ନିର୍ଭୟ ବେହେରା ଅଭିଯୋଗ କରିଥିଲେ। ବରଜ ଭାଙ୍ଗିଲା ବେଳେ ପାନ ପତ୍ର ଗଛରେ ଥିବାରୁ ଚାଷୀ ୨ରୁ ୩ ଦିନ ସମୟ ମାଗିଥିଲେ। ମାତ୍ର ପ୍ରଶାସନ ପାନ ପତ୍ର ବାବଦ କ୍ଷତିପୂରଣ ଦେବ ବୋଲି କହିଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ପ୍ରଦାନ କରାଗଲା ନାହିଁ ବୋଲି ସାମନ୍ତରାୟ ଅଭିଯୋଗ କରିଥିଲେ। ଏସବୁ ବିଚାରକୁ ନେଇ ପଦକ୍ଷେପ ନେବାକୁ ସେ ଏସ୍‌ପି ପିଆର୍‌ଙ୍କ ନିକଟରେ ଦାବି କରିଥିଲେ।

## ସେମିଫାଇନାଲରେ ବିଶ୍ୱଭାରତୀ ବିଜୟୀ

### ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍ କ୍ରିକେଟ

**ଜଗତ୍‌ସିଂହପୁର ଅଫିସ, ୨୪।୧**

ଜଗତ୍‌ସିଂହପୁର ପୁନର୍ଗଙ୍ଗସ୍ଥିତ ଜୟ ଦୁର୍ଗା ୟୁଥ ଆଣ୍ଡ ଆଥଲେଟିକ କ୍ଲବ ପକ୍ଷରୁ ମଙ୍ଗଳବାର ୨୦ତମ ଅନିଲ ମେମୋରିଆଲ ଗୋଲ୍‌ଡେନ କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୋଲିସ ପାର୍ଶ୍ୱ ପଡ଼ିଆରେ ଆୟୋଜିତ ଏହି ମ୍ୟାଚରେ ଆୟୋଜକ ଜୟଦୁର୍ଗା ଦଳ ଓ କଟକର ବିଶ୍ୱଭାରତୀ ଟିମ୍ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ମ୍ୟାଚ ଡ୍ର ହୋଇଯିବାରୁ ସୁପର ଓଭରରେ ବିଶ୍ୱଭାରତୀ ବିଜୟୀ ହୋଇଛି । ପ୍ରଥମେ ଜୟଦୁର୍ଗା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚିନ୍ମୟ ନାୟକଙ୍କ ୩୩ ଓ ଶୁଭ୍ରାଂଶୁ ସାମଲଙ୍କ ୨୦ ରନ୍ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ବିନିମୟରେ ୧୩୦ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଜବାବରେ ବିଶ୍ୱଭାରତୀର ରୋଶେନ ସ୍ୱାଇଁଙ୍କ ୨୩ ବଲରେ ୫୯ ରନ୍ ଓ ଅନ୍ୟତମ ରଣଜୀ ଖେଳାଳି ସଞ୍ଜୀବ ସାହୁଙ୍କ ୨୩ ରନ ସହାୟତାରେ ଦଳ ୧୩୦ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ ବରାବର ସ୍ଥିତିକୁ ଚାଲି ଯାଇଥିଲା । । ମ୍ୟାଚ ଡ୍ର ହୋଇଯିବାରୁ ସୁପର ଓଭର କରିବାକୁ ଅମ୍ପାୟର ନିଷ୍ପତ୍ତି ଶୁଣାଇଥିଲେ। ଏଥିରେ ବିଶ୍ୱଭାରତୀ ୬ ବଲରେ ୧ ଉଇକେଟ୍ ବିନିମୟରେ ୧୨ ରନ ସଂଗ୍ରହ କରିଥିଲା। ମାତ୍ର ଜୟଦୁର୍ଗା ମାତ୍ର ୪ ରନ ସଂଗ୍ରହ କରି ପରାଜୟବରଣ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ରୋଶନ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜ୍ୟୋତିଷ କାନୁନଗୋ, ବରିଷ୍ଠ କ୍ରିକେଟିୟର ଶିବାନୀ ମହାନ୍ତି ଓ ସାମାଜିକ କର୍ମୀ ସଲମନ ଗିଲାନୀ ଯୋଗଦେଇଥିଲେ। ଜୟନ୍ତ ଦାସ ଓ ସଂଜୀବ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଟ୍ରାକ୍ଟର ଶ୍ରମିକଙ୍କ ମୃତ୍ୟୁ

**ବିରିଡି,୨୪।୧(ଡି.ଏନ.ଏ)**

ବିରିଡି ଥାନା ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଗ୍ରାମର ଅର୍ଜୁନ ବେହେରା (୧୮)ଙ୍କ ସୋମବାର ରାତିରେ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମଙ୍ଗଳବାର ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି । ଏହି ଟ୍ରାକ୍ଟରରେ ଅର୍ଜୁନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରାତିରେ ଟ୍ରାକ୍ଟରଟି ବିଲୁଆଖାଇ ନଦୀରୁ ବାଲି ନେଇ ବନ୍ଧ ଉପରକୁ ଉଠୁଥିବା ବେଳେ ଡାଲାରେ ବସିଥିବା ଅର୍ଜୁନ ତଳକୁ ଖସି ଗୁରୁତର ହୋଇଥିଲେ। ତାଙ୍କୁ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅର୍ଜୁନଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ।

# ଆବାସ ଯୋଜନା ଅଭିଯୋଗ ପାଇଁ ହିତାଧିକାରୀଙ୍କ ଭିଡ଼

**ଏରସମା,୨୪।୧(ସ୍ୱ.ପ୍ର.)**



ଶିବିରରେ ହିତାଧିକାରୀଙ୍କ ଭିଡ଼ ଜମିଛି।

### ଜିଲାପାଳଙ୍କ ଜନଶୁଣାଣି ଶିବିର

- ଫର୍ମ ନ ମିଳିବାରୁ ଉତ୍ତେଜନା ହୋଇଥିଲା
- ଅଭିଯୋଗକାରୀଙ୍କ ସଂଖ୍ୟା ନିରୂପଣ ହୋଇପାରିନି

ଏରସମା ବ୍ଲକ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ଅଭିଯୋଗକାରୀଙ୍କ ଭିଡ଼ ଜମିଥିଲା। ଶିବିରରେ ଅଧିକାଂଶ ଅଭିଯୋଗ ଆବାସ ଯୋଜନା ସମ୍ପର୍କିତ ଥିଲା। ଏ ବିଷୟରେ ଅଭିଯୋଗ କରିବା ପାଇଁ ହିତାଧିକାରୀମାନେ ଦୀର୍ଘ ସମୟ ଧରି ଲାଇନ୍‌ରେ ଠିଆ ହୋଇଥିଲେ। ଏନେଇ ଠେଲାପେଲା ହେବାରୁ ସମସ୍ତଙ୍କୁ ଫର୍ମ ଯୋଗାଇବା ସମ୍ଭବ ହୋଇ ପାରି ନ ଥିଲା। କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାଦ୍ୱାରା ଦାୟିତ୍ୱରେ ଥିବା କର୍ମଚାରୀ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରିପାରି ନ ଥିଲେ । ଏଥିଯୋଗୁ ଅଭିଯୋଗକାରୀଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା ନିରୂପଣ କରାଯାଇ ପାରିନାହିଁ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ମନୋନୀତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରତି ପଞ୍ଚାୟତରେ ଲଗାଯାଇଥିଲା। ଅଭିଯୋଗ ଥିଲେ ୨୪ ତାରିଖ ସୁଦ୍ଧା ଦାଖଲ କରିବାକୁ ହିତାଧିକାରୀମାନଙ୍କୁ କୁହାଯାଇଥିଲା। ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ଅଭିଯୋଗ କରିବା ପାଇଁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଭିଡ଼ ଜମାଇଥିଲେ। ଶିବିରରେ ଆମ୍ବିକି ପଞ୍ଚାୟତର କିଆଦା (ନଗରୀ) ଗ୍ରାମର ନିବାସ ଫନ୍ଦାକାର,ତପନ ବେରା,ଝାଡେଶ୍ୱର ଗିରୀ,ନିକୁଞ୍ଜ ଗିରିକମଳ ପ୍ରଧାନ ପ୍ରମୁଖ ଅଭିଯୋଗ କରିଥିଲେ ଯେ, ମହାବାତ୍ୟା ସମୟରେ ଏହି ଗ୍ରାମର ୨୬୫ ଜଣ ପ୍ରାଣ ହରାଇଥିଲେ। ସେତେବେଳେ ଏକ ଘରୋଇ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୃହ ନିମ୍ନମାନର ଥିଲା। ଏସବୁ ଗୃହକୁ ଇତିମଧ୍ୟରେ ୨୨ ବର୍ଷ ବିତିଯାଇଥିବାରୁ ସେଗୁଡ଼ିକ ଅସୁରକ୍ଷିତ ହୋଇପଡ଼ିଛି। ଜିଲା ପ୍ରଶାସନ ଏନେଇ ଦୃଷ୍ଟି ଦେବାକୁ ସେମାନେ ଦାବି କରିଥିଲେ। ସେହିପରି ଗଡବିଶୁନିପୁର ପଞ୍ଚାୟତ ଅନ୍ତର୍ଗତ ନଳଭେଡି ଗ୍ରାମର ମେନକା ମଣ୍ଡଳ(୩୧) ଜଣେ ଭିନ୍ନକ୍ଷମ ହୋଇଥିବାବେଳେ ୧୨ ବର୍ଷ ହେବା ମା'ବାପାଙ୍କୁ ହରାଇ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରାଯାଇଛି ବୋଲି ସମ୍ପର୍କୀୟ ଭାଇ କାମଦେବ ପ୍ରଧାନ ଅଭିଯୋଗ କରିଛନ୍ତି। ଶିବିରରେ ଜିଲାପାଳଙ୍କ ପାରୁଲ ପଟୱାରିଙ୍କ ସହ ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ନବପ୍ରସାଦ ନାୟକ, ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ପୀତବାସ



@ ଅସ୍ମିତା



@ ଦୃଷ୍ଟି



@ ଚାନ୍ଦିନୀ



@ ଅରୁଣ


ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ମିଲରଙ୍କ ମନମାନି: ମଣ୍ଡିରେ ଧାନ କିଣାରେ ବିଭ୍ରାଟ

**ବାଲିକୁଦା, ୨୪।୧(ସ୍ୱ.ପ୍ର.)**

### ଏକାଠି ହେଲେ ୨୧ ସମବାୟ ସମିତି ସଭାପତି

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅଞ୍ଚଳର ସମସ୍ତ ମଣ୍ଡିରେ ଚଳିତ ବର୍ଷ ମିଲରଙ୍କ ମନମାନି ପାଇଁ ଆରମ୍ଭରୁ ଧାନ କିଣାରେ ବିଭ୍ରାଟ ଦେଖିବାକୁ ମିଳିଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ କରକେଇ ଠାକୁରାଣୀଙ୍କ ପୀଠରେ ୨୧ ସେବା ସମବାୟ ସମିତିର ସଭାପତିମାନେ ଏକତ୍ରିତ ହୋଇଛନ୍ତି। ପ୍ରଥମେ ଏକତା ହିଁ ବଳ ପରିପ୍ରେକ୍ଷୀରେ ସଭାପତିମାନେ ଏକ ସଂଘ କରିଛନ୍ତି। ଯେଉଁଥିରେ ସଭାପତି ଭାବେ ପ୍ରଫୁଲ୍ଲ ଦାସ ଓ ସମ୍ପାଦକ ଭାବେ ଭୀମସେନ ମୁଦୁଲିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ବାଲିକୁଦା ବ୍ଲକରେ ଗତ ୧୩ ତାରିଖଠାରୁ ଧାନମଣ୍ଡି ଆରମ୍ଭ ହୋଇଛି। ମାତ୍ର ମିଲରଙ୍କ ମନମାନି ପାଇଁ ପ୍ରତ୍ୟେକ ମଣ୍ଡିରେ ଧାନ କିଣାରେ ବିଭ୍ରାଟ ଦେଖିବାକୁ ମିଳିଛି। ଅଧିକାଂଶ ମଣ୍ଡିକୁ ୩ରୁ ୪ ଜଣ ମିଲର ଧାନ ଉଠାଇବାକୁ ଅନୁମତି ପାଇଥିବା ବେଳେ କେହି ଆଦୌ ଆସୁନାହାନ୍ତି। ଫଳରେ ଚାଷୀ ମଣ୍ଡିରେ ଧାନ ବସ୍ତା ରଖି ୩ରୁ୪ଦିନ ଶୀତ କାକରରେ ପଡି ରହୁଛନ୍ତି। ଖାଲି ସେତିକି ନୁହେଁ ଯେଉଁଠି ମଣ୍ଡିରେ ଧାନ କିଣା ଯାଉଛି ସେଠାରେ କୁଇଣ୍ଟାଲ ପିଛା ୩ ରୁ ୫ କିଲୋ କଟ୍‌ନି ଛଟ୍‌ନି କରାଯାଉଛି। ଏହାର ପ୍ରତିବାଦରେ ସମସ୍ତ ସେବା ସମବାୟ ସମିତିର ସଭାପତିମାନେ ଏକାଠି ହୋଇ ସଭାପତି ଦାସ ଓ ସମ୍ପାଦକ ମୁଦୁଲିଙ୍କ ନେତୃତ୍ୱରେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଧାନ କିଣିଲେ ସମ୍ବଲପୁର ମିଲର

- ୭ କେଜି କଟନି ଛଟନି ହେଲା
- ଶ୍ରମିକ ସମସ୍ୟା ଧାନ କିଣାରେ ବାଧକ
- ସୁରକ୍ଷା ଦେବାକୁ ଜିଲା ପ୍ରଶାସନର ବୈଠକ
- ବରଗଡ଼ ପରି ଶ୍ରମିକ ସୋସାଇଟି ଯୋଗାଇବାକୁ ଦାବି
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ

**ନୟାଗଡ଼ ଅଫିସ,୨୪।୧**

ନୟାଗଡ଼ ଜିଲାର ଧାନ କିଣାରେ ସମ୍ବଲପୁର ମିଲର ପ୍ରବେଶ କରି ଦଶପଲ୍ଲାରୁ ସୋମବାରଠାରୁ ଧାନ କିଣିଛନ୍ତି। ତେବେ ସମ୍ବଲପୁର ମିଲରଙ୍କ ପାଇଁ ଧାନ କିଣାରେ ଶ୍ରମିକ ବାଧକ ସାଜିଛନ୍ତି। ସ୍ଥାନୀୟ ଅଞ୍ଚଳର ମିଲର ହୋଇ ନ ଥିବାରୁ ଶ୍ରମିକ ସେମାନଙ୍କୁ ମିଳୁନାହାନ୍ତି। ବରଗଡ଼, ସମ୍ବଲପୁର ପରି ଶ୍ରମିକ ସ୍ଥାନୀୟ ପ୍ୟାକ୍ସ (ସୋସାଇଟି) ଯୋଗାଇବାକୁ ଦାବି ଉଠିଛି। ଏଭଳିସ୍ଥଳେ ସମ୍ବଲପୁର ମିଲରଙ୍କ ଧାନକିଣାକୁ ସୁବିଧା, ସହଜ ଓ ସୁରକ୍ଷା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ବୈଠକ ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମିଲର, ଜିଲା ଯୋଗାଣ, ଜିଲା ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ତେବେ କଟନି ଛଟନିକୁ ରୋକିବାରେ ସମ୍ବଲପୁର ମିଲର ବ୍ୟର୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ମିଲର ଚାଷୀଠାରୁ ୩ କେଜି ଧାନ କାଟୁଥିବାବେଳେ ପ୍ୟାକ୍ସ ସମ୍ପାଦକ ୪ କେଜି ଏପରି ମୋଟରେ ୭ କେଜି ଧାନ କାଟୁଛନ୍ତି। ଦଶପଲ୍ଲାରୁ କେବଳ ୧୨ ଶହ କୁଇଣ୍ଟାଲ ଧାନ କିଣା ହୋଇଥିବାରୁ ଚାଷୀଙ୍କ ଅଭିଯୋଗ ବିଦ୍ରୋହର ରୂପ ନେଇନି। ସମ୍ବଲପୁର ମିଲର ୭ କେଜି ଲେଖାଏ ଧାନ କାଟୁଥିବାରୁ ପୁଣିଥରେ ଏକ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକି ପାରେ ବୋଲି କୁହାଯାଉଛି। ଜିଲାରେ ଚାଲିଥିବା ଧାନକିଣା ସମ୍ପର୍କରେ ମଙ୍ଗଳବାର ଜିଲାପାଳ ସାହୁ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ତିଳୋତମା ପ୍ରଧାନ ଓ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଓ ଅନ୍ୟମାନେ।

### ୭୨ ଘଣ୍ଟା ପରେ ବି ଚାଷୀଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ଆସୁନି

ମଣ୍ଡିରେ ଧାନ ବିକ୍ରିର ୪୮ରୁ ୭୨ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟ ହେବ ବୋଲି ସରକାର ଓ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଧାନ ବିକ୍ରିର ୧୦ଦିନ ବିତି ଯାଉଥିଲେ ମଧ୍ୟ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁ ନ ଥିବା ଅଭିଯୋଗ ଉଠିଛି। ଜିଲାରେ ସମ୍ବଲପୁର ମିଲର ପ୍ରବେଶ କରିବା ଓ ଧାନ କିଣିବା ନେଇ ସନ୍ଧ୍ୟାରେ ଜିଲାପାଳ ସାହୁ ଖବରଦାତା ସମ୍ମିଳନୀ କରି କହିଥିଲେ ଚାଷୀ ଧାନ ବିକ୍ରି ଟଙ୍କା ପାଇବାକୁ ଡେରି ହେଉଛି। ଏ ନେଇ ସରକାରୀ ସ୍ତରରେ କିଛି ଅସୁବିଧା ଯୋଗୁ ରାଜ୍ୟ ସାରା ସମସ୍ୟା ହେଉଛି। ତେବେ ଚାଷୀ ଶୀଘ୍ର ଟଙ୍କା ପାଇବାକୁ ସରକାର ବ୍ୟବସ୍ଥା କରୁଛନ୍ତି। ଜିଲାରେ ୧୨,୫୬୯ ଚାଷୀ ଧାନ ବିକ୍ରି କରିଥିବାବେଳେ ୪,୬୨୩ ଚାଷୀ ଧାନ ବିକ୍ରି ଟଙ୍କା ପାଇ ସାରିଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ, ଜିଲାରେ ଚଳିତବର୍ଷ ୧୪ ଲକ୍ଷ ୨୯ ହଜାର ୬୩୨ କୁଇଣ୍ଟାଲ ଧାନ କିଣିବାକୁ ସରକାର ଟାର୍ଗେଟ କରିଛନ୍ତି। ନୟାଗନ ଜିଲାରେ ୧୭ ମିଲର ଏହି ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା। ତେବେ ନୟାଗଡ଼ ମିଲର ଧାନ କିଣାରେ ତ୍ୱରାନ୍ୱିତ ନ କରିବା ଓ ହଇରାଣ କରିବାରୁ ସରକାର ସମ୍ବଲପୁର ମିଲରଙ୍କୁ ଧାନ କିଣାରେ ସାମିଲ କରିଛନ୍ତି। ଏଣୁ ପୁଣି ଧାନ କିଣା ଟାର୍ଗେଟ ଭାଗ ବଣ୍ଟା ହୋଇଛି। ନୟାଗଡ଼ର ୧୭ ମିଲର ୯ ଲକ୍ଷ ୭୪ ହଜାର ୭୩୦ କୁଇଣ୍ଟାଲ ଓ ସମ୍ବଲପୁର ମିଲରଙ୍କୁ ୫ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଛି। ତେବେ ସମ୍ବଲପୁରର କେତେଜଣ ମିଲର ବ୍ୟାଙ୍କ ଗ୍ୟାରେଣ୍ଟି କମ୍ ଦେଇଥିବାରୁ ଟାର୍ଗେଟ ୫ ଲକ୍ଷ କୁଇଣ୍ଟାଲରୁ ହ୍ରାସ ପାଇ ୪ ଲକ୍ଷ ୫୪,୯୦୨ କୁଇଣ୍ଟାଲ ରହିଛି। ୨ୟ ପର୍ଯ୍ୟାୟରେ ବ୍ୟାଙ୍କ ଗ୍ୟାରେଣ୍ଟି ଦେଲେ ପୁଣି ଟାର୍ଗେଟ ବଢ଼ିଯିବ, ଅସୁବିଧା ନାହିଁ ବୋଲି କହିଥିଲେ। ଅପରପକ୍ଷେ ନୟାଗଡ଼ ମିଲର ମଙ୍ଗଳବାର ସୁଦ୍ଧା ୫ ଲକ୍ଷ ୭୮ହଜାର କୁଇଣ୍ଟାଲ ଧାନ କିଣିଥିବାବେଳେ ସମ୍ବଲପୁର ମିଲର କେବଳ ଦଶପଲ୍ଲାରୁ ୧୨ ଶହ କୁଇଣ୍ଟାଲ ଧାନ କିଣିଛନ୍ତି। ଶ୍ରମିକ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରାଯାଉଛି ବୋଲି ଜିଲାପାଳ ସାହୁ କହିଥିଲେ। ଏଆର୍‌ସିଏସ୍ ହାଡିବନ୍ଧୁ ମହାକୁଡ଼ କୁହନ୍ତି, ସମ୍ବଲପୁର ମିଲର ଧାନକିଣା ଆରମ୍ଭ କରିଛନ୍ତି। ମିଲରଙ୍କୁ ସୋସାଇଟି ପକ୍ଷରୁ ଶ୍ରମିକ ଯୋଗାଇବାକୁ ସହଯୋଗ କରାଯାଉଛି ବୋଲି ସେ କହିଥିଲେ। ଜିଲା ଯୋଗାଣ ଅଧିକାରୀ ପ୍ରଧାନଙ୍କୁ ପଚାରିବାରେ ସମ୍ବଲପୁର ମିଲରଙ୍କ ଧାନ କିଣାରେ କଟନି ଛଟନି ନେଇ ଅଭିଯୋଗ ଆସିନାହିଁ। ଯଦି ଅଭିଯୋଗ ହୁଏ ତେବେ ତଦନ୍ତ କରାଯିବ ବୋଲି ସେ କହିଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପୀତବାସ


@ ଅସ୍ମିତା


@ ତୃଷ୍ଣା


@ ଚିନ୍ଦିନୀ


@ ଅରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଶ୍ରମିକ,କୃଷକ ଓ କ୍ଷେତ ମଜଦୁରଙ୍କ ମିଳିତ କନ୍‌ଭେନଶନ



ମିଳିତ କନ୍‌ଭେନ୍‌ଶନରେ ଯୋଗଦେଇଥିବା ଶ୍ରମିକ,କୃଷକ ଓ କ୍ଷେତମଜଦୁର।

**ରଣପୁର,୨୪।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ସିଆଇଟିୟୁ ,ଓଡ଼ିଶା କୃଷକ ସଭା ଓ ଓଡ଼ିଶା କ୍ଷେତ ମଜଦୂର ୟୁନିୟନର ମିଳିତ ସମନ୍ୱୟ କମିଟି ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଏକ ମିଳିତ କନଭେନଶନ ଅନୁଷ୍ଠିତ ହୋଇଯାଇଛି । ଗଦାଧର ପ୍ରଧାନ,ଭିକାରୀ ଚରଣ ସାହୁ ଓ ଜ୍ୟୋସ୍ନା ନାଏକଙ୍କ ମିଳିତ ସଭାପତିତ୍ୱରେ ଆୟୋଜିତ କନ୍‌ଭେନଶନ ସ୍ଥାନୀୟ ଶହୀଦ ରଘୁ ଦିବାକର ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଥିଲା । କୃଷକ ସଭାର ରାଜ୍ୟସ୍ତରୀୟ ନେତା ସୁରେଶ ପାଣିଗ୍ରାହୀ ପ୍ରଥମେ ରଣପୁର ମାଟିର ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତି ଓ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ,ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ୨୦୧୪ରୁ କେନ୍ଦ୍ରର ଭାଜପା ସରକାର ଧାରାବାହିକ ଭାବେ ଶ୍ରମିକ ବିରୋଧୀ ନିଷ୍ପତ୍ତି ନେଇ ମାଲିକ ସପକ୍ଷବାଦୀ ଶ୍ରମକୋଡ଼ ଗ୍ରହଣ କରିଛନ୍ତି । ସରକାରୀ ବ୍ୟବସ୍ଥାକୁ ଆମ୍ବାନୀ ଆଦାନୀ ଭଳି ବଡ଼ ପୁଞ୍ଜିପତି ହାତକୁ ଶାଗମାଛ ଦରରେ ବିକ୍ରି କରି ଚାଲିଛନ୍ତି । ଫଳରେ ଆଶାକର୍ମୀ, ପାଚିକା ଓ ଅଙ୍ଗନୱାଡି ଭଳି ଶ୍ରମିକଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ଦିଆଯାଇଛି । କୃଷକଙ୍କ ଫସଲର ଉଚିତ୍ ମୂଲ୍ୟ ମିଳୁନାହିଁ କି କୃଷକଙ୍କ ପେନସନ ନାହିଁ । ସେଥିରେ କୃଷିକ୍ଷେତ୍ରକୁ ପୁଞ୍ଜିପତି ହାତକୁ ଟେକି ଦେବାର ଷଡଯନ୍ତ୍ର ମୋଦୀ ସରକାର କରି ଚାଲିଛନ୍ତି । ସେହିଭଳି ଆକାଶ ଛୁଆଁ ଦରବୃଦ୍ଧି ଯୋଗୁ ଖାଉଟି ଆଜି ନାହିଁ ନ ଥିବା ହଇରାଣ ହେଉଛନ୍ତି । ତେଣୁ ଶ୍ରମିକ ଶ୍ରମଜୀବି ଜନସାଧାରଣ ମୋଦୀ ସରକାରଙ୍କ ଏଭଳି ଜନ ବିରୋଧୀ ନୀତିର ପ୍ରତିବାଦରେ ଆସନ୍ତା ଏପ୍ରିଲ ୫ରେ ଦିଲ୍ଲୀ ଅଭିଯାନ କରି ସଂସଦକୁ ଅଚଳ କରିବାକୁ ଆହ୍ୱାନ ଦେଇଛନ୍ତି । ଶ୍ରମିକ, କୃଷକ ଓ କ୍ଷେତମଜଦୁର ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ଜନଗଣଙ୍କୁ ତିନି ସଙ୍ଗଠନ ତରଫରୁ ନିବେଦନ କରାଯାଇଛି । ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ତାରିଖ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଯାଏ ଚାଲିବ । ଏଥିରେ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ ବ୍ୟାପକ ପ୍ରଚାର କରିବାକୁ ଆହ୍ୱାନ ଦିଆ ଯାଇଛି । ଏହି କନଭେନଶନରେ କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ,ଶ୍ରମିକ ନେତା ସୁରେଶ ସ୍ୱାଇଁ, କ୍ଷେତମଜଦୁର ୟୁନିୟନ ନେତା ନିତ୍ୟାନନ୍ଦ ପରିଡା,ଦୁଃଶାସନ ଜେନା, ହରିଶ୍ଚନ୍ଦ୍ର ମିଶ୍ର ଓ ସଂଯୁକ୍ତା ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବନ ବିଭାଗ ଅନୁମତି ବିନା ଗଛ କଟା

- ଗୋଡିପଡ଼ାରେ ଚାପା ଉତ୍ତେଜନା
- ଜିଲା ପରିଷଦ ସଭ୍ୟାଙ୍କ ପ୍ରତିବାଦ
- ବନ ବିଭାଗ କଟା ଡାଳକୁ ଜବତ କଲା

**ନୟାଗଡ଼ ଅଫିସ,୨୪।୧**

ବନ ବିଭାଗର ଅନୁମତି ନ ନେଇ ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ଗଛ କଟା ଯାଉଥିବାରୁ ପ୍ରତିବାଦ ହୋଇଛି। ଏପରି କି ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଡିପଡ଼ା ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ପଡ଼ିଆରୀଙ୍କ ନେତୃତ୍ୱରେ ଲୋକମାନେ ବେଆଇନ ଗଛ କଟାର ବିରୋଧ କରିଥିଲେ। ପରେ ଜିଲା ପରିଷଦ ସଭ୍ୟା ବେଆଇନ ଗଛ କଟା ନେଇ ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ଅଭିଯୋଗ ପାଇ ପଞ୍ଚରିଡ଼ା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କଟା ଯାଇଥିବା ଗଛ ଡାଳକୁ ଜବତ କରାଯାଇଛି। ଏ ନେଇ ଗୋଡିପଡ଼ା ଜିଲା ପରିଷଦ ସଭ୍ୟା ପଡ଼ିଆରୀ କୁହନ୍ତି, ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିମୂଳକ କାର୍ଯ୍ୟକୁ ବିରୋଧ କରୁନି। ସ୍ୱାସ୍ଥ୍ୟକେନ୍ଦ୍ରରେ କମିଟି ଅଛି। ଗଛ କଟାଯିବାକୁ ନିଷ୍ପତ୍ତି ହୋଇନି। ଏପରି କି ଗଛକଟା ସମ୍ପର୍କରେ ବୈଠକ ବସିନି। ବୈଠକ ହେବା ପରେ କେଉଁ ସ୍ଥାନରୁ ଗଛ କଟା ହେବ ସେନେଇ ଆଲୋଚନା ହେବ। ତେବେ ଗୋଡିପଡ଼ା ସରପଞ୍ଚ ଗଛ କାଟିବା ନେଇ ଗଛ କାଟୁଥିବା ଲୋକ କହିଥିଲେ। ଗଛ କାଟିବାକୁ ସରପଞ୍ଚ ଅନୁମତି ଦେଇଥିଲେ। ଏଭଳିସ୍ଥଳେ ଜିଲା ପରିଷଦ ସଭ୍ୟା ପଡିଆରୀ ପ୍ରତିବାଦ କରିବାରୁ ବନ ବିଭାଗ କଟା ହୋଇଥିବା କାଠକୁ ଜବତ କରିଛି। ଗୋଡିପଡ଼ା ଫରେଷ୍ଟର ଦାୟିତ୍ୱରେ ଥିବା ପଞ୍ଚରିଡା ଫରେଷ୍ଟର ସୁମନ୍ତ ପରିଡା କୁହନ୍ତି, ଗଛ କାଟିବାକୁ ଅନୁମତି ଦିଆଯାଇନି। ତେବେ ଗଛ କାଟିବା ନେଇ ଅନୁମତି ମାଗାଯିବା ପରେ ଡିଏଫ୍‌ଓ ଅଫିସରୁ ଆମ ପାଖକୁ ଚିଠି ଆସିଛି। ଆମେ ଭେରିଫିକେଶନ କରି ରିପୋର୍ଟ ଦେଲେ ଅନୁମତି ମିଳିବ। ଏଣୁ ବେଆଇନ ଭାବେ କଟାଯାଇଥିବା ଗଛର ଅଂଶକୁ ଜବତ କରାଯାଇଛି। ତେବେ ମାମଲା କାହା ନାମରେ କରାଯାଇନି। ଏ ସମ୍ପର୍କରେ ଗୋଡିପଡ଼ା ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।


ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଗଛ କଟା ଯାଇ ରହିଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିର

### ଆବାସ ତାଲିକାରୁ ବଞ୍ଚିତ ହିତାଧିକାରୀ ଭିଡ଼

**ଓଡ଼ଗାଁ,୨୪।୧(ସ୍ୱ.ପ୍ର.)**

ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ଜିଲାପାଳ ରବୀନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସାହୁ ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ । ସମୁଦାୟ ୬୧୬ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୬୦୦ ଅଭିଯୋଗ, ସାମୁହିକ ଭାବେ ୭ ଗ୍ରାମ ବିବାଦ ର ଶୁଣାଣି କରାଯାଇଥିଲା। ୧୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ୯ ଜଣ ଦରଖାସ୍ତକାରୀଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ଅବଶିଷ୍ଟ ମାମଲାଗୁଡିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ୩୬ ଗୋଟି ପଞ୍ଚାୟତର ପ୍ରକାଶିତ ଆବାସ ଯୋଜନା ତାଲିକାରେ ଅଧିକାଂଶ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଥିବାରୁ ୫୫୪ ଜଣ ହିତାଧିକାରୀଙ୍କଠାରୁ ଆବାସ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ,ଉପଜିଲାପାଳ ଶକ୍ତିକାନ୍ତ ରାୟ,ବିଡ଼ିଓ ସ୍ୱାତୀଲେଖା ଦାସ, ତହସିଲଦାର ବିଜୟିତା ସାମନ୍ତସିଂହାର, ଉପ ଜିଲାପାଳ (ଅଭିଯୋଗ) ଆୟୁଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ । ବାଣ୍ଟପୁର ପଞ୍ଚାୟତ ଆଦିବାସୀ ବହୁଳ ଗିରିଦିବନ୍ଧ ଗ୍ରାମରେ ଏଯାବତ ବିଦ୍ୟୁତ୍ ନ ଥିବା ନେଇ ଛାତ୍ର କଂଗ୍ରେସ ତରଫରୁ ୨ୟ ଥର ପାଇଁ ଅଭିଯୋଗ ହୋଇଥିଲା । ହେଲେ ଏହିଭଳି ଅନ୍ଧାର ଗ୍ରାମ ସମ୍ପର୍କରେ ଉପଜିଲାପାଳ ଜାଣି ନ ଥିବା କହିଥିଲେ । ଏହା ବିରୋଧରେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଗ୍ରାମବାସୀଙ୍କ ସହିତ ମିଶି ବିଦ୍ୟୁତ ଅଫିସରେ ତାଲା ପକାଇବ ବୋଲି ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଷୋୟୀ କହିଛନ୍ତି ।

# ଆଜି ଦିଆଯିବ ବୁଷ୍ଟର ଡୋଜ୍

**ଦଶପଲ୍ଲା ,୨୪।୧(ଡି.ଏନ.ଏ.)**

ଦୀର୍ଘ ଦିନର ବିରତି ପରେ ପୁଣି ୨୫ତାରିଖ ବୁଧବାର ଦିନ ଦିଆଯିବ କରୋନାର ବୁଷ୍ଟର ଡୋଜ୍ ଟିକା । ଯଦିଓ ନୟାଗଡ଼ ଜିଲାରେ କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ କମିଛି । ତଥାପି ସରକାରୀ ଭାବେ ସମସ୍ତଙ୍କ ସୁବିଧା ପାଇଁ ସରକାର ୧ଶହ ବୁଷ୍ଟର ଡୋଜ୍ ଟିକା ଦଶପଲ୍ଲାକୁ ପଠାଇଛନ୍ତି। ସେହି ଟୀକା ୧୮ବର୍ଷ ରୁ ଊର୍ଦ୍ଧ୍ୱ ବୟସର ଲୋକେ ଯେଉଁ ମାନେ ପ୍ରଥମ ,ଦ୍ୱିତୀୟ ୨ଟି ଡୋଜ୍ ନେଇ ସାରିଛନ୍ତି କେବଳ ସେଇମାନଙ୍କୁ ହିଁ ମିଳିପାରିବ । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବା ପାଇଁ ନୟାଗଡ଼ରୁ ଷ୍ଟାଫ୍ ଆସି ପହଞ୍ଚି ସାରିଲେଣି। ଯେଉଁ ମାନେ କରୋନାର ବୁଷ୍ଟର ଡୋଜ୍ ଟୀକା ନେବାକୁ ଆଗ୍ରହୀ ସେମାନେ ଏହାର ସୁଯୋଗ ନେବାକୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ସନ୍ଦୀପ କୁମାର ସ୍ୱାଇଁ ଜଣାଇଛନ୍ତି।

# ରଣପୁର ବ୍ଲକ୍ ସମ୍ମୁଖରେ ଆମରଣ ଅନଶନ

**ନୟାଗଡ ଅଫିସ/ ରଣପୁର,୨୪।୧(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପଞ୍ଚାୟତସ୍ତରରେ ପ୍ରକାଶ ପାଇଥିବା ତାଲିକାରେ ସ୍ୱଚ୍ଛତା ନ ଥିବା ରଣପୁର ବ୍ଲକ ଲୋଧାଚୁଆ ପଞ୍ଚାୟତ ଗୋପିମୋହନପୁର ଗାଁର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଆମରଣ ଅନଶନକୁ ଲକ୍ଷ୍ୟକଲେ ପ୍ରମାଣିତ ହେଉଛି । କୃଷ୍ଣଚନ୍ଦ୍ର ସ୍ୱାଇଁ ଏହାର ପ୍ରତିବାଦ କରି ମଙ୍ଗଳବାରଠାରୁ ରଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । ଦାବି ପୂରଣ ନ ହେଲେ ଆମରଣ ଅନଶନ ପ୍ରତ୍ୟାହୃତ ହେବନାହିଁ ବୋଲି ଅନଶନକାରୀ କ୍ଷୋଭର ସହ କହିଛନ୍ତି । କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ସେ ଜଣେ ଗରୀବ ଲୋକ ହୋଇଥିଲେ ହେଁ ଆବାସ ଯୋଜନାରେ ଘରଟିଏ ପାଇ ପାରୁ ନାହାନ୍ତି । ଘରଟିଏ ପାଇବା ପାଇଁ ବିଡିଓ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲାପାଳ, ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନାହାନ୍ତି । ତେବେ ବାରମ୍ବାର ଆବେଦନ, ପ୍ରତିବାଦ ପରେ ପଞ୍ଚାୟତର ୩୧ ନଂ. ତାଲିକାରେ ତାଙ୍କ ନାଁ ସ୍ଥାନ ପାଇଥିଲା । ଆଶା ରହିଥିଲା ଏଥର ନିଶ୍ଚିତ ଘର ମିଳିବ । ତେବେ ଗତ ଜାନୁୟାରୀ ୧୮ରେ ସେ ଘରେ ନ ଥିବାବେଳେ କୁଆଡେ ପୁଣି ଥରେ ତଦନ୍ତ ହୋଇଥିଲା । ତଦନ୍ତକାରୀ ଅଧିକାରୀ କୃଷ୍ଣଙ୍କର ଭଙ୍ଗା ଚାଳ ଘରକୁ ନ ଦେଖାଇ ଭାଉଜଙ୍କ ଆବାସ ଯୋଜନାରେ ନିର୍ମାଣ ଛାତ ଘରକୁ ଚିହ୍ନଟ କରି ମୋ ନାଁକୁ ଚୟନ ତାଲିକାରୁ କାଟି ଦିଆଯାଇଛି । ଆବାସ ଯୋଜନାରେ ମୋତେ ଘର ନ ଦେବା ପାଇଁ ସୁପରିକଳ୍ପିତ ଉପାୟରେ ମୋ ଅନୁପସ୍ଥିତିରେ କଟା ଯାଇଥିବା ମୁଁ ଏବେ ଅନୁଭବ କରୁଛି। ଯାହାକି ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇଛି । ଏଣୁ ପ୍ରଶାସନ ନିଜର ଭୁଲ ସଂଶୋଧନ କରି ମୋତେ ଆବାସ ଯୋଜନାରେ ସାମିଲ ନ କଲେ ଅନଶନ ହଟିବ ନାହିଁ ବୋଲି କ୍ଷୋଭର ସହ କହିଛନ୍ତି । ତେବେ ଅନଶନ ସମ୍ପର୍କରେ ଖବର ପାଇ ରଣପୁର ବିଡିଓ ଜ୍ୟୋତି ପ୍ରକାଶ ସେଠୀ ଆସି ମୋତେ ବୁଝାଶୁଝା କରିଛନ୍ତି । ହେଲେ ଚାଳ ଘର କାହିଁକି ଛାତ ଘର ହେଲା, ମୋତେ କାହିଁକି ବାଦ୍ ଦିଆଗଲା, ଯୋଜନାରେ ପୁଣି ସାମିଲ କରିବା ନେଇ ପ୍ରତିଶ୍ରୁତି ନ ଦେଇ ଅନଶନରୁ ଉଠିଯିବା କହିବା ଠିକ ନୁହେଁ ବୋଲି ସେ କହିଛନ୍ତି । ଏଣୁ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ସେ କହିଛନ୍ତି ।


ରଣପୁର ବିଡିଓ କୃଷ୍ଣଚନ୍ଦ୍ରଙ୍କୁ ବୁଝାଶୁଝା କରୁଛନ୍ତି ।


ଗାଁର ଥିବା କୃଷ୍ଣଚନ୍ଦ୍ରଙ୍କ ଚାଳ ଘର।

